## ସଂକ୍ଷେପରେ

### ଆଜି ଶାସନ କେନାଲରୁ ପାଣି ଛଡ଼ାହେବ




ସମ୍ବଲପୁର,୨୦।୬(ବ୍ୟୁରୋ): ସମ୍ବଲପୁର ଶାସନ କେନାଲରେ ମଙ୍ଗଳବାର ଖରିଫ ଚାଷ ପାଇଁ ପାଣି ଛଡାହେବ। ଏ ନେଇ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପଣ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି ଅପରାହ୍ନ ୪ଟାରେ ଅଧିକାରୀଙ୍କ ଉପସ୍ଥିତିରେ ଶାସନ କେନାଲରୁ ପ୍ରଥମ ପର୍ଯ୍ୟାୟରେ ୨୦୦ କ୍ୟୁସେକ ପାଣି ଛଡା ହେବ। କେନାଲରେ କଂକ୍ରିଟ କରାଯାଇ ନବୀକରଣ କାମ କରାଯାଉଛି। ତେଣୁ ନିର୍ଦ୍ଧାରିତ ସମୟର ଗୋଟିଏ ଦିନ ବିଳମ୍ବ ହୋଇଛି। ଠିକା ସଂସ୍ଥାକୁ ସେମାନଙ୍କ ନିର୍ମାଣାଧୀନ ସାମଗ୍ରୀ କେନାଲ ଭିତରୁ ମଙ୍ଗଳବାର ସକାଳ ସୁଦ୍ଧା ବାହାର କରିବା ସହ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଥାଉଯେ, ହୀରାକୁଦ ଜଳଭଣ୍ଡାରରୁ ଶାସନ କେନାଲରେ ପାଣି ବାହାରି ଚାଷ ପାଇଁ ଯୋଗାଇ ଦିଆଯାଇଥାଏ।

### ସମାଜ ଗଠନରେ ସାହିତ୍ୟର ଭୂମିକା ଶୀର୍ଷକ ଆଲୋଚନା

ସମ୍ବଲପୁର,୨୦।୬(ବ୍ୟୁରୋ): ସମାଜ ଗଠନରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସୋମବାର ରାତିରେ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ସ୍ଥାନ ଅନୁଷ୍ଠାନ ଆୟୋଜିତ ସମାଜ ଗଠନରେ ସାହିତ୍ୟର ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ଏହି ମତ ପ୍ରଦାନ କରିଛନ୍ତି। ସାହିତ୍ୟିକ ଗଣେଶରାମ ନାହାକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ. ସ୍ୱପ୍ନାରାଣୀ ସିଂ ମୁଖ୍ୟବକ୍ତା, ଭାରତୀୟ ଜୀବନ ବୀମା ନିଗମର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ବି.ଏଲ୍. ଦାସ ଓ ଏମ୍‌ସିଏଲ୍ ଲୋକସମ୍ପର୍କ ବିଭାଗୀୟ ମୁଖ୍ୟ ନଳିନୀକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ବସନ୍ତ ମଞ୍ଜରୀ ମହାରଣାଙ୍କ ରଚିତ ମନ ଦୋଳି ଉଡି ଯା' ପୁସ୍ତକ ଲୋକାର୍ପଣ କରିଥିଲେ।

### ବେଦାନ୍ତ ପକ୍ଷରୁ କେ-ପପ୍ ଷ୍ଟାର ଶ୍ରେୟାଙ୍କୁ ସମ୍ବର୍ଦ୍ଧନା

ଝାରସୁଗୁଡ଼ା ଅଫିସ୍,୨୦।୬: ବିଶ୍ୱ ସଙ୍ଗୀତ ଦିବସ ଅବସରରେ କେ-ପପ୍ ବା କୋରିଆନ ପପ୍ ବ୍ୟାଣ୍ଡ୍ ବ୍ଲାକ୍ ସ୍ୱାନର ସଦସ୍ୟତା ଲାଭକରି ଆନ୍ତର୍ଜାତିକ ସ୍ତରରେ ସଫଳତା ପାଇଥିବା ଓଡିଆ ଝିଅ ଶ୍ରେୟା ଲେଙ୍କାଙ୍କୁ ଝାରସୁଗୁଡା ବେଦାନ୍ତ ଲିମିଟେଡ୍ ତରଫରୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଛି। ପ୍ରକଳ୍ପ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମ୍ପାନୀ ସିଇଓ ସୁନିଲ ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରେୟାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉତ୍ତୋରତର କାମନା କରିଥିଲେ। ଏଥିରେ କମ୍ପାନୀର ଅନ୍ୟ ଅଧିକାରୀ ଓ ଶ୍ରେୟାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ସିଇଓ ଗୁପ୍ତା କମ୍ପାନୀ ଏଭଳି ପ୍ରତିଭାମାନଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଆସୁଛି ବୋଲି କହିଥିଲେ।

### ମୃତ ଗୃହରକ୍ଷୀଙ୍କ ପରିବାରକୁ ଭେଟିଲା ସଂଘ



ସମ୍ବଲପୁର,୨୦।୬(ବ୍ୟୁରୋ): ସମ୍ବଲପୁର ଜିଲା ସଦର ଥାନାରେ ନିଯୁକ୍ତ ହୋଇ ଜିଲା ଡ୍ରଗ୍ସ ସ୍କ୍ୱାଡ୍‌ରେ କାମ କରୁଥିବା ହୋମଗାର୍ଡ ଗଣେଶ ନାଏଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ଜାଣିବା ପରେ ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ କର୍ମକର୍ତ୍ତା ଶୋକ ବ୍ୟକ୍ତ କରି ତାଙ୍କ ପରିବାରକୁ ଭେଟିଛନ୍ତି। ମହାସଂଘ ଉପସଭାପତି ସୁଶାନ୍ତ କୁମାର ପ୍ରଧାନ, ମୁଖପାତ୍ର ରଶ୍ମିରଞ୍ଜନ ପଣ୍ଡା, ତାପସ କୁମାର ନାଏକ, ମଧୁ ବେହେରା, ରାମଚନ୍ଦ୍ର ସାହୁ, ନିରଞ୍ଜନ ମଟାରି, ଜୟଦେବ ରାଉତ ଗଣେଶଙ୍କ ପରିବାରକୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପରେ ଡ୍ରଗ୍ସସ୍କ୍ୱାଡ୍ ଇନ୍‌ସପେକ୍ଟରଙ୍କ ସହ ଆଲୋଚନା କରି ସରକାରୀ ସହାୟତା ଯୋଗାଇଦେବାକୁ ଅନୁରୋଧ କରିଥିଲେ।

# ଏସ୍‌ୟୁରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ ସମାବେଶ

ସମ୍ବଲପୁର,୨୦।୬(ବ୍ୟୁରୋ)

**ପଞ୍ଚମ ସେମିଷ୍ଟର ଖାତା ପୁନଃ ମୂଲ୍ୟାୟନ ଦାବି**

ପଞ୍ଚମ ସେମିଷ୍ଟର ପରୀକ୍ଷା ଖାତା ପୁନଃ ମୂଲ୍ୟାୟନ ଦାବିରେ ଛାତ୍ରୀଛାତ୍ର ସୋମବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ମୁଖ୍ୟ ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଏସ୍‌ୟୁ ଅନୁବନ୍ଧିତ ବିଭିନ୍ନ ଜିଲାର କଲେଜ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସେମାନେ ଅଭିଯୋଗ କରିଥିଲେ, କିଛି ବର୍ଷ ହେବ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମସ୍ୟା ସମାଧାନ ପରିବର୍ତ୍ତେ ଜଟିଳ ହେଉଛି। ଚଳିତ ପଞ୍ଚମ ସେମିଷ୍ଟର ପରୀକ୍ଷା ମୂଲ୍ୟାୟନରେ ଗୁରୁତର ତ୍ରୁଟି ହୋଇଛି। ଅଧିକାଂଶ କଲେଜର ଛାତ୍ରୀଛାତ୍ର ଫେଲ୍ ହୋଇ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଗତି କରୁଛନ୍ତି। ତେଣୁ ପୁନଃ ମୂଲ୍ୟାୟନକରି ସଂଶୋଧିତ ଫଳ ପ୍ରକାଶନ କରାଯାଉ ବୋଲି ଛାତ୍ରନେତାମାନେ ଦାବି କରିଥିଲେ। ବର୍ଷାରେ ଭିଜି ଛାତ୍ରୀଛାତ୍ର ଧାରଣାରେ ବସିଥିଲେ। ଶେଷରେ ପରୀକ୍ଷା ନିୟନ୍ତ୍ରକ ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କ ସହ ଆଲୋଚନାକରି ୧୫ଦିନ ମଧ୍ୟରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ସ୍ଥଗିତ ହୋଇଥିଲା। ଏଆଇଡିଏସ୍‌ଓ ବଲାଙ୍ଗୀର ଜିଲା ସଭାପତି ରାଜେନ୍ଦ୍ର ରଣା, ରାଜ୍ୟ କମିଟି ସଭ୍ୟ ମଧୁସୂଦନ ବାଗ, ସର୍ବଭାରତୀୟ କାଉନସିଲ ସଭ୍ୟ ସୁନୀଲ ଭୋଇ, ଗୌରୀ ରାଉତ, ନିମାଇଁ କୁମ୍ଭାର, ସିପୁନ ନାଏକ, କମଳ ଦୀପ, ଶ୍ରୀମନ୍ତ ରଣା, ଦେବାଶିଷ ରଣା, ପୀତବାସ କରଣ, ଶିବାଞ୍ଜଳି ନାଗ, ଅମନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ବିଭିନ୍ନ ଜିଲାରୁ ଶତାଧିକ ଛାତ୍ରୀଛାତ୍ର ସାମିଲ ଥିଲେ।




ଏସ୍‌ୟୁ ଗେଟ୍ ଆଗରେ ଛାତ୍ରୀଛାତ୍ରଙ୍କ ଧାରଣା ।

### ଝାରସୁଗୁଡ଼ାରେ ଖୋଲିବ ଶହେ ଶଯ୍ୟାର ଇଏସ୍‌ଆଇ ହସ୍ପିଟାଲ୍

ଝାରସୁଗୁଡ଼ା ଅଫିସ,୨୦।୬

ଝାରସୁଗୁଡା ଜିଲା ଏକ ଶିଳ୍ପାଞ୍ଚଳ ହୋଇଥିବାବେଳେ ଏଠାରେ ଛୋଟବଡ କଳକାରଖାନା ଗଡିଉଠିଛି। ଏଥିରେ ବହୁସଂଖ୍ୟକ କର୍ମଚାରୀ ଓ ଶ୍ରମିକ କାର୍ଯ୍ୟ କରୁଛନ୍ତି। ଏମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଝାରସୁଗୁଡା ବମ୍ବେ ଛକ ନିକଟରେ ଏକ ଡିସ୍‌ପେନ୍‌ସାରୀ ଇଏସ୍‌ଆଇ ହସ୍ପିଟାଲ୍ ରହିଛି। ହେଲେ ଏହା କର୍ମଚାରୀ ଓ ଶ୍ରମିକଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ପାରୁନାହିଁ। ତେଣୁ ଜିଲା ମୁଖ୍ୟାଳୟରେ ଏକ ଇଏସ୍‌ଆଇ ହସ୍ପିଟାଲ୍ ଖୋଲିବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଆସୁଥିଲା। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ଦେଶରେ ଶହେ ଶଯ୍ୟା ବିଶିଷ୍ଟ ୨୩ ଇଏସ୍‌ଆଇ ହସ୍ପିଟାଲ୍ ସ୍ଥାପନ ପାଇଁ କେନ୍ଦ୍ର ଶ୍ରମ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇ ଏହି ନିଷ୍ପତ୍ତି ନିଆଯାଇଛି। ଏଥିମଧ୍ୟରେ ଝାରସୁଗୁଡାରେ ଶହେ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍ ଖୋଲିବାକୁ ରହିଛି। ଏହି ନିଷ୍ପତ୍ତି ପରେ ଜିଲାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏ ନେଇ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶ୍ରମମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ କେନ୍ଦ୍ର ସରକାରଙ୍କ ତରଫରୁ ଗତ ୧୫ତାରିଖରେ ଝାରସୁଗୁଡାରେ ଇଏସ୍‌ଆଇସିର ଏକ ଉପ-ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିଛି। ଏହା ଦ୍ୱାରା ପଶ୍ଚିମ ଓଡ଼ିଶାର ୧୩ ଜିଲାର ୨ଲକ୍ଷରୁ ଊର୍ଦ୍ଧ୍ୱ ବୀମାଧାରୀ କର୍ମଚାରୀ ଓ ଶ୍ରମିକ ଉପକୃତ ହେବେ। ଝାରସୁଗୁଡା ଜିଲାର ୫୪ହଜାର ବୀମାଭୁକ୍ତ କର୍ମଚାରୀ ଓ ଶ୍ରମିକ ସୁବିଧା ସୁଯୋଗ ପାଇପାରିବେ।

## ଜିଲାର ୧୧ ଡାକ୍ତରଖାନାକୁ କାୟାକଳ୍ପ ପୁରସ୍କାର

ଝାରସୁଗୁଡ଼ା ଅଫିସ,୨୦।୬

ଝାରସୁଗୁଡ଼ା ଜିଲାର ୧୧ ଗୋଟି ଡାକ୍ତରଖାନା କାୟାକଳ୍ପ ପୁରସ୍କାର ଜିତି ଜିଲାପାଳ ସରୋଜ କୁମାର ସାମଲଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ରାଜ୍ୟସ୍ତରୀୟ ୩ଜଣିଆ ପ୍ରତିନିଧି ଦଳ ଗତ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ଡାକ୍ତରଖାନା ବୁଲି ସୌନ୍ଦର୍ଯ୍ୟକରଣ, ଔଷଧୀୟ ବଗିଚା, ବର୍ଜ୍ୟବସ୍ତୁ ପରିଚାଳନା, ରୋଗ ସଂକ୍ରମଣ ହାର ଇତ୍ୟାଦିର ମୂଲ୍ୟାୟନ କରିଥିଲେ। ପୁରସ୍କାର ବାବଦକୁ ପ୍ରମାଣପତ୍ର ସହିତ ଜିଲା ମୁଖ୍ୟ ଚିକିତ୍ସାଳୟ ୩ଲକ୍ଷ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୋଲାବିରା, ମୁଦ୍ରାଜୋର ଓ ବ୍ରଜରାଜନଗର ୧ ଲକ୍ଷ ଟଙ୍କା ଲେଖାଏ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାକେଲପଡ଼ା ୨ଲକ୍ଷ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପୋଖରାସାଲେ ଓ ବାଗଡ଼ିହି, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପଞ୍ଚପଡା, ଝାରସୁଗୁଡା, କୁକୁରିକାନୀ ଓ ବେଲପାହାଡ ୫୦ ହଜାର ଟଙ୍କା ଲେଖାଏଁ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗତ ୧୮ ତାରିଖରେ ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଏହି ସମସ୍ତ ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଡୋଲମଣି ପଟେଲ, ଜିଲା କାର୍ଯ୍ୟକ୍ରମ ପରିଚାଳକ ବୁଲୁନାଥ ସାହୁ, କ୍ୱାଲିଟି ମ୍ୟାନେଜର ରଞ୍ଜନ କୁମାର ପରିଚ୍ଛା, ଡାକ୍ତରଖାନା ପରିଚାଳକ କୁମାର ଅଭିଷେକ ପ୍ରମୁଖଙ୍କ ଇଚ୍ଛା ଶକ୍ତି ଯୋଗୁ ଏହା ସମ୍ଭବ ହୋଇପାରିଥିବାରୁ ପ୍ରଶଂସା କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

## ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ

କୁଚିଣ୍ଡା, ୨୦।୬(ଡି.ଏନ.ଏ.)

କୁଚିଣ୍ଡା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ସଭାଗୃହରେ ସୋମବାର ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଯମୁନା ବାଗଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ 'ଶିଶୁ ପାଇଁ ଦିନଟିଏ' ସମ୍ପର୍କରେ ଆଲୋଚନା କରିଥିଲେ। ଚାଇଲ୍ଡ ଲାଇନ ଟିମ୍ ଲିଡ଼ର ତୃପ୍ତିମୟୀ ଦାଶ ବାଲ୍ୟ ବିବାହ, ଶିଶୁ ଚାଲାଣ, ଯୌନ ନିର୍ଯାତନା, ଶିଶୁ ଶ୍ରମିକ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧୀନରେ ଥିବା ଶିଶୁ ଅଧିକାର ସୁରକ୍ଷା ଭିତ୍ତିକ ସରକାରୀ ଯୋଜନା, ପୋଷ୍ୟ ସନ୍ତାନ ଗ୍ରହଣ ନୀତି ସମ୍ପର୍କରେ ଅବଗତ କରିଥିଲେ। ବୈଠକରେ ଶିକ୍ଷା ବିଭାଗର ଶୈଳବାଳା ବେହେରା, କୁଚିଣ୍ଡା ବ୍ଲକର ବିଏସ୍‌ଏସ୍‌ଓ ଇଥୁତି ଭୋଇ, କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡ଼ା. ଈଶ୍ୱର ଚନ୍ଦ୍ର ମୁଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଥାନେଶ୍ୱର ନାଏକ, ପ୍ରମୋଦ କିଷାନ, ମନ୍ଦାକିନୀ ନାଏକ, ସରପଞ୍ଚ ଧନୁର୍ଜୟ ନାଏକ, କୁନି ସେଉଲ, ଚାଇଲ୍ଡ ଲାଇନ ଟିମ୍ ମେମ୍ବର ଶ୍ୱେତାଙ୍ଗିନୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଆଇସିଡିଏସ୍ ସୁପରଭାଇଜର ଜୟଶ୍ରୀ ଗରଡ଼ିଆ ଧନ୍ୟବାଦ ଦେଇଥିଲେ।




ବୈଠକରେ ଯୋଗଦେଇଥିବା ଅତିଥି।

### ଅଭିଯୁକ୍ତଙ୍କ ଟେର୍ ପାଉନି ବିଭାଗ

**ବଡ଼ରମା ରେଞ୍ଜରୁ କାଠ ଚୋରି**

ଜମନକିରା,୨୦।୬(ଡି.ଏନ୍.ଏ.)

ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବଡ଼ରମା ରେଞ୍ଜରୁ ମୂଲ୍ୟନ୍ କାଠ, ଜଙ୍ଗଲଜାତ ଦ୍ରବ୍ୟ ଚୋରି ହେଉଥିଲେ ମଧ୍ୟ ବନ ବିଭାଗ ସମ୍ପୃକ୍ତ ଅଭିଯୁକ୍ତଙ୍କ ଟେର ପାଉ ନ ଥିବା ଦେଖାଯାଉଛି। ରବିବାର ଘଟିଥିବା ଘଟଣାକୁ ଉଦାହରଣ ଭାବେ ନିଆଯାଇପାରେ। ସୂଚନା ଅନୁସାରେ, ବଡ଼ରମା ରେଞ୍ଜ ଗୌଡପାଲି ସେକ୍ସନ ମୁଣ୍ଡେନପାଲି ବିଟ୍‌ରେ ରବିବାର ଏକ ପିକ୍‌ଅପ୍ (ଓଡ଼ି୦୨-୦୫୭୧) ୧୨ଖଣ୍ଡ ଶାଗୁଆନ କାଠଗଣ୍ଡି ନେଇ ମୁଣ୍ଡେନପାଲି ରେଞ୍ଜ ନାଲ ନିକଟ ଜଡ଼ାକୁଦରରୁ ବାହାରୁଥିଲା। ହେଲେ ଜଡ଼ାକୁଦର କେନାଲ ଉଠାଣିରେ ଗାଡ଼ିଟି ଉଠି ନ ପାରି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ଖବର ଦେଲା ପରେ ବନ ବିଭାଗ ପହଞ୍ଚି କାଠବୋଝେଇ ଗାଡି ଜବତ କରିଥିଲା। ବଡ଼ରମା ରେଞ୍ଜର ଦିଲୀପ ମେଣ୍ଟୁଆଲ, ଗୌଡପାଲି ଫରେଷ୍ଟର ଲେଖାରାଣୀ ମହାନନ୍ଦ ଓ ଅନ୍ୟ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ମାତ୍ର ଆଶ୍ଚର୍ଯ୍ୟର କଥା ଗାଡ଼ି ଡ୍ରାଇଭର ଓ ଖଲାସୀ ଉକ୍ତ ସ୍ଥାନରୁ ଫେରାର ହୋଇଯାଇଥିବା ବନ ଅଧିକାରୀ ପ୍ରକାଶ କରିଛନ୍ତି। ୨୪ଘଣ୍ଟା ପରେ ମଧ୍ୟ ଫେରାର ୨ଜଣଙ୍କ ସମେତ ଏଥିରେ ସାମିଲ ଥିବା ଆହୁରି ୮ରୁ ଅଧିକ ଅଭିଯୁକ୍ତଙ୍କୁ ବିଭାଗ ଧରି ପାରିନାହିଁ। ଏ ସଂକ୍ରାନ୍ତରେ ବାମଣ୍ଡା ଡିଏଫ୍‌ଓ ଫାଲ୍‌ଗୁନୀ ସାରଥି ମଲ୍ଲିକଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ।

## ଷ୍ଟାର୍ଟଅପ୍ ନୀତି ଅଭିନବୀକରଣରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ସମ୍ବଲପୁର,୨୦।୬(ବ୍ୟୁରୋ)

ଭାରତୀୟ ରେଳ ଷ୍ଟାର୍ଟଅପ୍ ନୀତିରେ ବିଭିନ୍ନ ଷ୍ଟାର୍ଟଅପ୍ସର ଅଂଶଗ୍ରହଣ ରହିବ। ରେଳପଥର ଅଭିନବୀକରଣ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବିଭିନ୍ନ ସଂସ୍ଥା ରେଳ କ୍ଷେତ୍ରରେ ସହ-ସୃଷ୍ଟି ଏବଂ ସହ-ନବସୃଜନ ପାଇଁ ଦେଶରେ ଅଭିନବ ସଂସ୍କୃତିକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ସୋମବାର ସମ୍ବଲପୁର ରେଳମଣ୍ଡଳ କାର୍ଯ୍ୟାଳୟ ସଭାଗୃହରେ ଖବରଦାତା ସମ୍ମିଳନୀରେ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଏହା କହିଥିଲେ। ରେଳପଥ ପାଇଁ ଷ୍ଟାର୍ଟ ଅପ୍ସର ଉପକାରିତା ବିଷୟରେ ଇଞ୍ଜିନିୟରିଂ ଛାତ୍ରୀଛାତ୍ର ଆଲୋଚନାରେ ପ୍ରତିନିଧି ଭାବେ ଯୋଗଦାନ କରିଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ଏବଂ ମଣ୍ଡଳର ବିଭାଗୀୟ ଅଧିକାରୀ ଆଲୋଚନାରେ ଭାଗନେବା ସହିତ ଷ୍ଟାର୍ଟଅପ୍‌ର ପ୍ରତିନିଧି ଓ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ।

ରେଳପଥ ପାଇଁ ଷ୍ଟାର୍ଟଅପ୍ ବିଷୟରେ ସେ କହିଥିଲେ, ଜାତୀୟ ପରିବହନକାରୀ ଭାରତୀୟ ରେଳ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହାତକୁ ନେଇଛି। ଅଂଶଗ୍ରହଣ ମାଧ୍ୟମରେ ସଂସ୍ଥାଗୁଡ଼ିକ କାର୍ଯ୍ୟକାରୀ କରିବାକୁ ଆଗେଇ ଆସିଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜୁନ୍ ୧୩ରେ ଏହାର ଶୁଭାରମ୍ଭ କରିଥିଲେ । ଭାରତୀୟ ରେଳପଥର ଗୁଣବତ୍ତା, ନିର୍ଭରଯୋଗ୍ୟତା ଏବଂ ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ବ୍ୟୟ ପ୍ରଭାବଶାଳୀ, ମାପନୀୟ ସମାଧାନ, ଅଭିନବ ଉତ୍ପାଦ ବିକାଶ ଏହି ନୀତିର ଲକ୍ଷ୍ୟ। ବିଭାଗରେ ଯୌଥ ସୃଷ୍ଟି ଓ ସହ-ଅଭିନବୀକରଣ ପାଇଁ ଦେଶରେ ଅଭିନବ ସଂସ୍କୃତିକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି।

## ବିଜେଡି ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

କୁଚିଣ୍ଡା,୨୦।୬(ଡି.ଏନ.ଏ.)

କୁଚିଣ୍ଡା ବିଜେଡି ପକ୍ଷରୁ ସୋମବାର କୁଚିଣ୍ଡା ମେଡିକାଲର ରକ୍ତଭଣ୍ଡାରଠାରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଓ କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ଓଡ଼ିଶା ମୋ ପରିବାର ଜିଲା ସଂଯୋଜିକା କବିତା ପୁରୋହିତ, ବ୍ଲକ ବିଜେଡି ସଭାପତି ଅମୂଲ୍ୟ ମିଶ୍ର, ନଗର ବିଜେଡି ସଭାପତି ସଞ୍ଜୟ ବେହେରା, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, ଏନ୍‌ଏସି ଉପାଧ୍ୟକ୍ଷା ଦେବଯାନୀ କାଲୋ, ବିଜେଡି ଛାତ୍ର ସଭାପତି ଅଭିଳାଷ ଅଗ୍ରୱାଲ, ଗଣେଶ ଅଗ୍ରୱାଲ, ସୁଜାତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହାକୁ ଟେକ୍‌ନିସିଆନ ପ୍ରମୋଦ ପଟେଲ ପରିଚାଳନା କରିଥିଲେ।

## ଶିକ୍ଷକ ନିଯୁକ୍ତି ପାଇଁ କେନ୍ଦ୍ର ଶିକ୍ଷା ନିର୍ଦ୍ଦେଶକଙ୍କୁ ଦାବିପତ୍ର

କୁଚିଣ୍ଡା,୨୦।୬(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ନିର୍ଦ୍ଦେଶକ ଜେ.ପି. ପାଣ୍ଡେଙ୍କ କୁଚିଣ୍ଡା ଗସ୍ତ ଅବସରରେ ସୋମବାର ଏକଲବ୍ୟ ଆଦିବାସୀ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକଙ୍କ ପକ୍ଷରୁ ତାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନିର୍ଦ୍ଦେଶକ ପାଣ୍ଡେ ବାମରା ବ୍ଲକର ଶକ୍ତିଶ୍ରୀ ଉଚ୍ଚ ବିଦ୍ୟାଳୟ, କେନ୍ଦୁପାଣି, ବାମରା ଷ୍ଟେଶନ ବସ୍ତିର ପ୍ରାଥମିକ ବିଦ୍ୟାଳୟ, ବାମରା ଆଦର୍ଶ ବିଦ୍ୟାଳୟ ଓ କୁଚିଣ୍ଡା ବ୍ଲକ ବକ୍ସମା ପ୍ରାଥମିକ ବିଦ୍ୟାଳୟ, କୁରୁରାଚୁଆଁ, ପୁରୁଣାପାଣି ସ୍କୁଲ ଏବଂ କୁଚିଣ୍ଡା ସହରରେ ଥିବା ଏକଲବ୍ୟ ଆଦିବାସୀ ଆବାସିକ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସ୍କୁଲ ଅଭିଭାବକ ସଂଘ ସଭାପତି ନରେନ୍ଦ୍ର କୁମାର ବାଘ, ଆଦିବାସୀ ସାମାଜିକ, ସାଂସ୍କୃତିକ ପରିଷଦ ସଭାପତି ସୁବାସ ଚନ୍ଦ୍ର ନାୟକ, ସମ୍ପାଦକ ତଥା ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ସେଉଲ ଲାକ୍ରା, ପ୍ରଭାତ ବାଘ ପ୍ରମୁଖ ସ୍ଥାନୀୟ ପୂର୍ତ୍ତବିଭାଗ ବଙ୍ଗଳାରେ ନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ଏକଲବ୍ୟ ବିଦ୍ୟାଳୟର ସମସ୍ୟା ଓ ଶିକ୍ଷକ ନିଯୁକ୍ତି ସମ୍ପର୍କରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ପାଣ୍ଡେ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିର୍ଦ୍ଦେଶକଙ୍କ ଏହି ଗସ୍ତ ସମୟରେ ସମ୍ବଲପୁର ଜିଲା ମଙ୍ଗଳ ଅଧିକାରୀ, ରାଜ୍ୟର ବିଭାଗୀୟ ନିର୍ଦ୍ଦେଶକ, କୁଚିଣ୍ଡା ଉପଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ୨୮ ଅଭିଯୋଗର ଶୁଣାଣି



ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଥିବା ଅଧିକାରୀମାନେ ।

ଝାରସୁଗୁଡ଼ା ଅଫିସ,୨୦।୬

ଲଇକେରା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ସୋମବାର ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୮ଗୋଟି ଅଭିଯୋଗ ଶୁଣାଣି ହୋଇଛି। ଏଥି ମଧ୍ୟରୁ ଦୁଇଟି ସାମୂହିକ ଓ ୨୬ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। କୁମ୍ଭାରୀ ଡ୍ୟାମର ପୁନଃ ନିର୍ମାଣ ଓ ଖଏରଡିହି ଗ୍ରାମରେ ଜଙ୍ଗଲ ଜମି ପଟ୍ଟା ଆବେଦନ ସମ୍ପର୍କିତ ଅଭିଯୋଗ କରାଯାଇଥିଲା। ଏହିପରି ଛିପିଡ଼ିହି ଅଙ୍ଗନବା କେନ୍ଦ୍ରକୁ ବିଦ୍ୟୁତ ଯୋଗାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇଁ ଆବେଦନ, ବିଜୁ ପକ୍କା ଗୃହ, ଜମିଜମା ବିବାଦ ଆଦ ବ୍ୟକ୍ତିଗତ ଅଭିଯୋଗର ଶୁଣାଣି ହୋଇଥିଲା। ବିଭାଗୀୟ ଅଧିକାରୀ ଏ ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚିକିତ୍ସା ସହାୟତା ବାବଦକୁ ନିକ୍ତିମାଳର ସୁଷମା କରାଳିଙ୍କୁ ରେଡ଼କ୍ରସ ତରଫରୁ ୧୦ ହଜାର ଟଙ୍କା ଓ ଲଇକେରାର ପ୍ରଶାନ୍ତ ସାହୁଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫାଣ୍ଡିରୁ ୩୦ହଜାର ଟଙ୍କା ତତ୍‌କ୍ଷଣାତ ପ୍ରଦାନ କରାଯାଇଥିଲା। ଏହିପରି ମଧୁବାବୁ ପେନ୍‌ସନ୍ ଯୋଜନାରେ ଭାତଲଇଡ଼ାର କୁଳେଶ୍ୱରୀ ମହାନନ୍ଦିଆଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି। ଏଥିରେ ଜିଲାପାଳ ସାମଲ, ଡିଆର୍‌ଡିଏ ପିଡି ତପିରାମ ମାଝି, ଉପଜିଲାପାଳ ଦୟାମୟ ପାଢ଼ୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ.ସି. ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷ ସଞ୍ଜିତ କୁମାର ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଲେଖ ଘୁଙ୍ଗା , ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କମ୍ପାନୀ ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ

ସମ୍ବଲପୁର/ରେଙ୍ଗାଲି,୨୦।୬
(ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଗୁରୁପାଲି ଗ୍ରାମ ନିକଟରେ ଥିବା ବିରାଜ ଷ୍ଟିଲ ବିରୋଧରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି। କମ୍ପାନୀ ସରକାରଙ୍କ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର କୌଣସି ନିୟମ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି। ସୋମବାର ଜିଲା ପ୍ରଶାସନ ପାଖରେ ଜନ ପ୍ରତିନିଧି ଓ ସ୍ଥାନୀୟ ଲୋକେ ଏହି ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ କମ୍ପାନୀ ପ୍ରଦୂଷଣ ଯୋଗୁ ପାର୍ଶ୍ୱରେ ଥିବା ଗ୍ରାମବାସୀ ଅଣନିଶ୍ୱାଶି ହୋଇପଡୁଛନ୍ତି। ଲୋକଙ୍କ ରହିବା ଓ ଖାଇବା କଷ୍ଟକର ହୋଇପଡିଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଗ୍ରୀନ୍ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ନିଶାନଭଙ୍ଗା ସରପଞ୍ଚ ସରୋଜ କୁମାର ମେହେରଙ୍କ ନେତୃତ୍ୱରେ ସୁବାସ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ହଳଦିଘାଟ ଅଞ୍ଚଳରେ ନୂତନ ବିଦ୍ୟୁତ୍ ପୋଲ

ସମ୍ବଲପୁର,୨୦।୬(ବ୍ୟୁରୋ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ହଳଦିଘାଟ ଗ୍ରାମରେ କାଳବୈଶାଖି ଯୋଗୁ ୩୩ କେଭି ବିଦ୍ୟୁତ୍ ଲାଇନ ଉପରେ ଗଛ ପଡିଥିଲା। ଫଳରେ ଡବଲ ପୋଲ ଷ୍ଟ୍ରକ୍‌ଚର ଭାଙ୍ଗିଯାଇଥିଲା। ସୂଚନା ପାଇବା ପରେ ଟିପିଡବ୍ଲ୍ୟୁଓଡିଏଲ ସ୍ୱତନ୍ତ୍ର ଦଳ ଭଙ୍ଗା ପୋଲକୁ ପରିବର୍ତ୍ତନ କରି ନୂତନ ଡବଲ ପୋଲ ଷ୍ଟ୍ରକଚର ସ୍ଥାପନ କରିଥିଲେ। ଅନ୍ୟ କର୍ମଚାରୀମାନେ ବିଦ୍ୟୁତ୍ ତାରରେ ଥିବା ତ୍ରୁଟି ସମାଧାନ କରିଥିଲେ। ନାକଟିଦେଉଳ ସେକ୍ସନ ଅଧିକାରୀ ଓ ରେଢ଼ାଖୋଲ ଉପଖଣ୍ଡ ଅଧିକାରୀମାନେ ଆବଶ୍ୟକ ଉପକରଣ ଯୋଗାଇବା ସହ କାର୍ଯ୍ୟ ତଦାରଖ କରିଥିଲେ।

# ବାନ୍ଧକଳାରେ ଯୋଗ

**ଆଜି ଅନ୍ତର୍ଜାତୀୟ ଯୋଗ ଦିବସ**

- ବାନ୍ଧ ଶାଢ଼ିରେ ରହିଛି ଯୋଗର ୧୨ ଆସନ
- ୧୦ ଭାଷାରେ ଯୋଗର ବାର୍ତ୍ତା ଦେଇଛନ୍ତି ତ୍ରିପୁରାରୀ

**ଅମରପାଲି,୨୦।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କେନ୍ଦୁପାଲି ଗ୍ରାମର ତ୍ରିପୁରାରୀ ମେହେର(୫୧)। ବାନ୍ଧକଳାରେ ଯୋଗର ପ୍ରଚାର ପ୍ରସାର ପାଇଁ ସେ ଅଭିନବ ପ୍ରୟାସ କରିଛନ୍ତି। ତାଙ୍କ ହାତ ତିଆରି ବାନ୍ଧଶାଢ଼ିରେ ରହିଛି ଯୋଗର ବିଭିନ୍ନ ମୁଦ୍ରା ଓ ଆସନ। ତ୍ରିପୁରାରୀ ତାଙ୍କ ପିତା ଜଗନ୍ନାଥ ମେହେରଙ୍କ ତତ୍ତ୍ୱାବଧାନରେ ବାନ୍ଧକଳାରେ ଯୋଗର ୧୨ଆସନକୁ ସୁନ୍ଦର ଭାବେ ବୁଣିଛନ୍ତି। ଏହା ସହିତ ବାନ୍ଧକଳାରେ ଓଡିଆ, ହିନ୍ଦୀ, ଇଂଲିଶ, ବଙ୍ଗଳା, ତେଲୁଗୁ ସହିତ ପ୍ରାୟ ୧୦ଟି ଦେଶୀୟ ଓ ବିଦେଶୀ ଭାଷାରେ ଯୋଗର ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି। ଅନେକ ରୋଗରୁ ଆରୋଗ୍ୟ କରିବା ସହିତ ଯୋଗ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକତା ଥିବାରୁ ଲୋକଙ୍କୁ ସଚେତନ କରିବା ପାଇଁ ବାନ୍ଧକଳାରେ ଏହି ପ୍ରୟାସ କରିଥିବା ତ୍ରିପୁରାରୀ ପ୍ରକାଶ କରିଛନ୍ତି। ବାନ୍ଧକଳାରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ସରକାର ତାଙ୍କୁ ୨୦୧୫-୧୬ରେ ପୁରସ୍କୃତ କରିଛନ୍ତି। ସ୍ତ୍ରୀ ଜୟନ୍ତୀ, ଦୁଇ ଝିଅ ଓ ଏକମାତ୍ର ପୁଅକୁ ନେଇ ତାଙ୍କ ପରିବାର। ସ୍ତ୍ରୀ ଓ ବଡଝିଅ ତାଙ୍କୁ ବାନ୍ଧକାମରେ ସହଯୋଗ କରୁଛନ୍ତି। ସରକାରଙ୍କ ତରଫରୁ ଯଦି ବାନ୍ଧକଳା ପାଇଁ ତାଙ୍କୁ ସହାୟତା ଯୋଗାଇ ଦିଆଯାଆନ୍ତା ତାହେଲେ ସେ ଆଉ କିଛି କରନ୍ତେ ବୋଲି କହିଛନ୍ତି।


ବାନ୍ଧକଳାରେ ଯୋଗର ବିଭିନ୍ନ ମୁଦ୍ରା ଓ ଆସନ।

## ସଂକ୍ଷେପରେ

### ଜଙ୍ଗଲରୁ ଯୁବକଙ୍କ ଗଳିତ ମୃତଦେହ ଜବତ

**ବିନିକା,୨୦।୬(ଡି.ଏନ.ଏ): ** ସୁବର୍ଣ୍ଣପୁର ଜିଲା ବିନିକା ଥାନା ମହାଦେବପାଲି ଫାଣ୍ଡି ଅଧୀନ ବାଉଁଶୁଣୀ ଡୁଗୁମାଲି ଜଙ୍ଗଲରୁ ସୋମବାର ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ବାଉଁଶୁଣୀ ଗ୍ରାମର ସୁରେଶ ଭୋଇ(୨୨)। ସୁରେଶ ମାନସିକ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କର ବୁର୍ଲାରେ ଚିକିତ୍ସା ଚାଲୁଥିଲା। ଗତ ଫେବୃୟାରୀ ୩ତାରିଖଠାରୁ ସେ ଘରୁ ବାହାରି ଆଉ ଫେରି ନ ଥିଲେ। ମୃତକଙ୍କ ପରିବାର ଲୋକେ ନିଖୋଜ ହୋଇଥିବା ନେଇ ବିନିକା ଥାନାରେ ରିପୋର୍ଟ କରିଥିଲେ। ରବିବାର ଖଏରାଡେରାର ମହିଳାମାନେ ଡୁଗୁମାଲି ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ଏକ ଗଳିତ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ସୋମବାର ସକାଳେ ବିନିକା ଏବଂ ମହାଦେବପାଲି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ମୃତକଙ୍କ ବାପା ଶବ ଚିହ୍ନଟ କରିଥିଲେ। ପରେ ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ବିନିକା ଥାନାରେ ଏକ ଅପମୃତ୍ୟୁ ମାମଲା(୪/୨୨)ରୁଜୁ ହୋଇଛି।

### ବିଦ୍ୟୁତ୍ ଆଘାତରେ ୬ଗୋରୁ ମୃତ

**ବୌଦ୍ଧ/ବଘିଆପଡ଼ା,୨୦।୬ (ସ୍ୱ.ପ୍ର./ଡି.ଏନ.ଏ.): ** ବୌଦ୍ଧ ଜିଲା ବଘିଆପଡା ଅଞ୍ଚଳରେ ସୋମବାର ଏକ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡ଼ିବାରୁ ବିଦ୍ୟୁତ୍ ଆଘାତରେ ୬ ଗୋରୁର ମୃତ୍ୟୁ ହୋଇଛି। ସୂଚନା ମୁତାବକ ବଘିଆପଡ଼ାସ୍ଥିତ ପାଲଝାରଠାରେ ଫାର୍ମ ପରିସରରେ ଏରଡା ଗ୍ରାମର ସତ୍ୟପ୍ରିୟ ଭୋଇ, ଅର୍ଜୁନ ସାହୁ, ଜୟ ହାତୀ ଓ ଗଣେଶ ସାହୁଙ୍କ ଗୋରୁ ଚରୁଥିଲେ। ଫାର୍ମ ପରିସର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡ଼ିଥିଲା। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୫ଟି ବଳଦ ଓ ଗୋଟିଏ ଗାଈର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଆଉ ଗୋଟିଏ ବଳଦ ଗୁରୁତର ହୋଇଥିବା ଜଣାପଡିଛି। ବିଦ୍ୟୁତ୍ ଖୁଣ୍ଟ ପୋତା କାମ ମାତ୍ର କିଛି ମାସ ତଳେ ହୋଇଥିବାବେଳେ ନିମ୍ନମାନର କାମ ଯୋଗୁ ଏହା ଉପୁଡି ପଡିଥିବା ଗୋରୁ ମାଲିକମାନେ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରି ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ବାଲି ଚୋରାଚାଲାଣ କରୁଥିବା ହାଇୱା ଜବତ
#### ୧ ଲକ୍ଷ ଜରିମାନା



**ସୋନପୁର,୨୦।୬(ନି.ପ୍ର): ** ତେଲନଦୀରୁ ବେଆଇନଭାବେ ବାଲି ଚୋରାଚାଲାଣ କରୁଥିବା ଏକ ହାଇୱା (ନମ୍ବର ଓଡି୧୫ଜେ-୫୩୯୪)କୁ ରାଜସ୍ୱ ବିଭାଗ ଜବତ କରିଛି। ସୋନପୁରର ନୂତନ ଉପଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶନୀ ମିଶ୍ରଙ୍କ ନେତୃତ୍ୱରେ ତହସିଲଦାର ନବୀନ କିଶୋର ପାଢୀ ରବିବାର ରାତିରେ ଏହି ଚଢାଉ କରିଥିଲେ। ହାଇୱାକୁ ସୋନପୁର ଥାନାରେ ଜିମା ଦିଆଯିବା ସହ ୧ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣକୁ ରୋକିବା ପାଇଁ ଆଗାମୀ ଦିନରେ ସୋନପୁର ଉପଖଣ୍ଡରେ ଏଭଳି ଚଢାଉ ଜାରି ରହିବ ବୋଲି ଉପଜିଲାପାଳ ଡ. ମିଶ୍ର ସୂଚନା ଦେଇଛନ୍ତି।

# ୨୦ବର୍ଷ ପରେ ଦୁଇ ଭଉଣୀଙ୍କୁ ମିଳିବ ଭତ୍ତା


ବିଧବା ଦୁଇ ଭଉଣୀ ଭତ୍ତାପାଇଁ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ।

**ବୌଦ୍ଧ,୨୦।୬(ସ୍ୱ.ପ୍ର.)**

ବୌଦ୍ଧ ବ୍ଲକ ଟିକରପଡା ପଞ୍ଚାୟତ ଲକଡପାଜୁଗ୍ରାମର ଦୁଇ ଭଉଣୀ କୌଶଲ୍ୟା କହଁର ଓ ଗୁରୁଚନା କହଁର ଦୀର୍ଘ ୨୦ବର୍ଷ ହେଲା ବିଧବା ହୋଇସାରିଥିବାବେଳେ ଏପର୍ଯ୍ୟନ୍ତ ସେମାନଙ୍କୁ ବିଧବା ଭତ୍ତା ମଧ୍ୟ ମିଳିପାରି ନ ଥିଲା। ତେବେ ଦୁଇ ଭଉଣୀ ଭତ୍ତା ପାଇଁ ବାରମ୍ବାର ଆବେଦନ କରିବା ସହିତ ପଞ୍ଚାୟତ କାର୍ଯ୍ୟାଳୟକୁ ଧାଇଁ ଧାଇଁ ହାଲିଆ ହେବା ସହ ନିରାଶ ହୋଇସାରିଥିଲେ। ଯୁବ ସମାଜସେବୀ ତୋଫାନ ପରିଡ଼ା ଏ ସମ୍ପର୍କରେ ସୂଚନା ପାଇ ଦୁଇ ଭଉଣୀଙ୍କୁ ସାକ୍ଷାତ କରିବା ସହିତ ସେମାନଙ୍କ ଭତ୍ତା ପାଇଁ ଉଦ୍ୟମ କରିବାକୁ ପ୍ରତିଶ୍ରୁତି ଦେବା ସହିତ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇବାକୁ ପରାମର୍ଶ ଦେଇଥିଲେ। ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଦୁଇ ଭଉଣୀ ପହଞ୍ଚି ସେମାନଙ୍କର ସମସ୍ୟା ଜଣାଇବା ପରେ ଆସନ୍ତା ଜୁଲାଇ ମାସରୁ ସେମାନଙ୍କୁ ଭତ୍ତା ମିଳିଯିବ ବୋଲି ଜିଲାପାଳ ଲଲାଟେନ୍ଦୁ ମିଶ୍ର ପ୍ରତିଶ୍ରୁତି ଦେବା ସହିତ ବ୍ଲକ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ତେବେ ଦୀର୍ଘ ୨୦ ବର୍ଷ କାଳ ଅସହାୟ ଭାବରେ ବିଧବା ଜୀବନ କଟାଇବାପରେ ଦୁଇ ଭଉଣୀଙ୍କୁ ଭତ୍ତା ମିଳିବା ଯୋଗୁ ସେମାନେ ଜିଲା ପ୍ରଶାସନକୁ କୃତଜ୍ଞତା ଜଣାଇଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି


ଜିଲାପାଳ ଓ ଏସ୍‌ପି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

**ଅମରପାଲି,୨୦।୬(ଡି.ଏନ.ଏ)**

**୪୬ ଅଭିଯୋଗର ତତ୍କାଳ ସମାଧାନ**

ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ବୀରମହାରାଜପୁର ବ୍ଲକ ସଭାଗୃହଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲୀ ସୁନିଲ ନରୱଣେ ଓ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୮ ପଞ୍ଜୀକୃତ ଅଭିଯୋଗ ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ୫୫ ବ୍ୟକ୍ତିଗତ ଓ ୩ଟି ସାମୂହିକ ଦରଖାସ୍ତ ରହିଛି। ୫୮ ଦରଖାସ୍ତ ମଧ୍ୟରୁ ଶିବିରରେ ବିଭିନ୍ନ ମାମଲାର ୪୬ ଅଭିଯୋଗ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୧୨ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ନିହାର ରଞ୍ଜନ କଅଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ସ୍ଥାନୀୟ ତହସିଲଦାର ବିବୁଧ ଗଡନାୟକ, ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ କର୍ମଚାରୀ ଯୋଗଦେଇଥିଲେ।

# ଅସହାୟା ମହିଳାଙ୍କୁ ନ୍ୟାୟ ପ୍ରଦାନ ଦାବି

**ପଦ୍ମପୁର, ୨୦।୬ (ଡି.ଏନ.ଏ.)**

ବରଗଡ ଜିଲା ପଦ୍ମପୁର ବ୍ଲକ ବରିକେଲ ଗ୍ରାମପଞ୍ଚାୟତ ସିଂହନପୁର ମୌଜା ଉପକାରାଗାର ନିକଟସ୍ଥ ସରକାରୀ ଜମିରେ ୮ ଅସହାୟ ପରିବାର ଦୀର୍ଘ ୩୦ବର୍ଷ ଧରି ଝାଟିମାଟି କୁଡିଆ କରି ବାସବାସ କରୁଛନ୍ତି। ସେମାନଙ୍କ ମଧ୍ୟରେ ସ୍ୱାମୀ ପରିତ୍ୟକ୍ତା, ବିଧବା ଓ ଦିବ୍ୟାଙ୍ଗ ଅଛନ୍ତି। ତେବେ ସେମାନଙ୍କୁ ଜମିପଟ୍ଟା ଦେବା ପରିବର୍ତ୍ତେ ଅନ୍ୟ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଉକ୍ତ ଜମିର ମାଲିକାନା ଦେବାକୁ ଉଦ୍ୟମ କରାଯାଉଛି। ତେଣୁ ଏହି ମହିଳାମାନେ ବିଧାୟକ, ଉପ ଜିଲାପାଳ, ତହସିଲଦାରଙ୍କ ଠାରେ ଅଭିଯୋଗ କରିଛନ୍ତି। କେତେକ ବିଧବା, ଦିବ୍ୟାଙ୍ଗ ଓ ସ୍ୱାମୀ ପରିତ୍ୟକ୍ତାଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ତାଲିରେ ସାମିଲ ହୋଇ ବ୍ଲକରୁ ଘର ନିର୍ମାଣର କାର୍ଯ୍ୟାଦେଶ ଆସିଛି। କିନ୍ତୁ ଜମି ବିବାଦ ଯୋଗୁ ଘର ନିର୍ମାଣ ହୋଇ ପାରୁ ନ ଥିବା ଶକୁଲାଲ ପାଣ୍ଡେ, ସୁକାନ୍ତୀ ମେହେର, ତେଜସ୍ୱିନୀ ମେହେର ପ୍ରମୁଖ ଉପ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି।

# ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ ପୂଜା କମିଟିର ସଭ୍ୟ ବୃନ୍ଦ।

**ସୋନପୁର,୨୦।୬(ନି.ପ୍ର)**

ସୋନପୁର ସହର ସ୍ଥିତ ଘୋଡାଘାଟପଡା ଗଜଲକ୍ଷ୍ମୀ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପୂଜାକୁ ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ପୂଜା ପାଇଁ ଆୟବ୍ୟୟର ଅଟକଳ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ପୂଜା କମିଟି ସଭାପତି ରାଜା ପାଣିଗ୍ରାହୀ, ସମ୍ପାଦକ ସୁମିତ ପୂଜାହାରୀ, କୋଷାଧ୍ୟକ୍ଷ ସୁବଳ ବାରିକ, ସୋମନାଥ ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ଆକାଶ ବିଦ୍ୟାଧର, ସିଲୁ ପାଣିଗ୍ରାହୀ, ବବ୍ରୁବାହନ ମେହେର, ତରଣୀ ମେହେର, ବଳରାମ ମେହେର, ପ୍ରଭାତ କିଶୋର ଦାନି, ଆଦିତ୍ୟ ଦାନି, ଭାଗିରଥୀ ମିଶ୍ର, ରମା ମେହେର, ଯଶୋବନ୍ତ ମହଲା, ଗଣପତି ବାଘ, ହିମାଂଶୁ ଶତପଥୀ, ଅଜିତ ସାହୁ, ସତ୍ୟଜିତ ସାହୁ, ରବି ପଟ୍ଟନାୟକ ଓ ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ତୃତୀୟ ଲିଙ୍ଗୀ ଏସ୍‌ଏଚ୍‌ଜିଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସହାୟତା

**ବୌଦ୍ଧ,୨୦।୬ (ସ୍ୱ.ପ୍ର)**

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମା' ରୁଦ୍ରକାଳୀ ତୃତୀୟ ଲିଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସୋମବାର ସହାୟତା ରାଶି ଯୋଗାଇ ଦିଆଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ର ଏହି ଗୋଷ୍ଠୀଙ୍କୁ ୫୦ହଜାର ଟଙ୍କାର ସହାୟତା ଚେକ୍ ପ୍ରଦାନ କରିଥିଲେ। ଏଥିସହିତ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଖାଦ୍ୟ ସାମଗ୍ରୀ କିମ୍ବା ଅନ୍ୟ କୌଣସି ଷ୍ଟଲ ଖୋଲି ନିଜେ ସ୍ୱାବଲମ୍ବି ହେବାକୁ ଜିଲାପାଳ ତୃତୀୟ ଲିଙ୍ଗୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତି, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମେହେର, ବୌଦ୍ଧ ବିଡିଓ ବିଜୟ କୁମାର ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପୂଜାରୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କହଁର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସାନନ୍ଦ କୁମାର ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ସରସୀ ପଣ୍ଡା, ସିଡିପିଓ ମିନତୀ ଦେଓ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ଏବଂ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାତୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସ୍ୱଚ୍ଛସାଥୀ ସୁଷମା ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ।


ତୃତୀୟ ଲିଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜିଲାପାଳ ଚେକ୍ ପ୍ରଦାନ କରୁଛନ୍ତି।

# ପୋଷ୍ଟ ଅଫିସ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

**ବିନିକା,୨୦।୬(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ସୋମବାର କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବିନିକା ପୋଷ୍ଟ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିନିକା ବ୍ଲକ କଂଗ୍ରେସ ସଭାପତି ରବିନ୍ଦ୍ର ହୋତାଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ ସେଠୀ, କିସାନ ସେଲ ରାଜ୍ୟ ସାଧାରଣ ସମ୍ପାଦକ ସ୍ୱପ୍ନେଶ୍ୱର ପୃଷ୍ଟୀ, ବରିଷ୍ଠ ନେତା ନରେନ୍ଦ୍ର ସାହୁ ପ୍ରମୁଖ ତାଙ୍କ ବକ୍ତବ୍ୟରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ବିରୋଧୀ ଦଳର କଣ୍ଠରୁଦ୍ଧ କରୁଛି ବୋଲି ଅଭିଯୋଗ କରିଥିଲେ। କଂଗ୍ରେସ ଦେଶରେ ସମପ୍ରଭୁତା ଚାହେଁ, ଏକଛତ୍ରବାଦ ନୁହେଁ ନେତୃବୃନ୍ଦ କହିଥିଲେ। ବିକ୍ଷୋଭରେ ସଂଗ୍ରାମ କେଶରୀ ନାୟକ, ପବନ ଅଗ୍ରୱାଲା, ରାଘବ ଦାସ, ସୁଧାଂଶୁ ଶେଖର ପଣ୍ଡା, ମଞ୍ଜୁଲତା ମହାନନ୍ଦ, ଶିବ ପ୍ରସାଦ ଖମାରୀ, ପଞ୍ଚାନନ ପାତ୍ର, ଗୋବିନ୍ଦା ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ।

# ସିକିର୍ଡ଼ି ଯୁବକ ସଂଘର ବାର୍ଷିକୋତ୍ସବ

**ବରପାଲି,୨୦।୬(ଡି.ଏନ.ଏ.)**

ବରପାଲି ବ୍ଲକ ଅନ୍ତର୍ଗତ ସିକିର୍ଡ଼ି ଯୁବକ ସଂଘର ୫୧ତମ ବାର୍ଷିକୋତ୍ସବ ରବିବାର ସରୋଜ ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ଲୋକ କବିରତ୍ନ ପଦ୍ମଶ୍ରୀ ଡ଼ଃ ହଳଧର ନାଗ ମୁଖ୍ୟ ବକ୍ତା ଓ ବ୍ଲକ ଅଧ୍ୟକ୍ଷା ରୀନା ଥଇତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପଶୁ ପରି ଲୋକଙ୍କ କ୍ଷତି ନ କରି ଲୋକଙ୍କ ହିତ ପାଇଁ କାମ କଲେ ଏହା ଆଦର୍ଶ ସଂଘରେ ପରିଣତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଂଘର ପୁରାତନ ସଭ୍ୟ ଲକ୍ଷ୍ମୀନ୍ଦ୍ର ସେଠ ଓ ଲୋକନାଥ ଜାଲଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସମ୍ପାଦକ ମୋହନ ଚାନ୍ଦ ପଧାନ ବିବରଣୀ ପାଠ କରିଥିବା ବେଳେ ସଭ୍ୟ ଦିଲୀପ ପଧାନ ସଂଘର ଇତିହାସ ବର୍ଣ୍ଣନା କରିଥିଲେ। ତେଜରାଜ ଦୀପ ସ୍ୱାଗତ ଭାଷଣ, ଅଧ୍ୟାପକ ପ୍ରଦୀପ ପଧାନ ଅତିଥି ପରିଚୟ ପ୍ରଦାନ ଏବଂ କୃତାର୍ଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ସଫେଇ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ବରପାଲି,୨୦।୬(ଡି.ଏନ.ଏ.)**

**ବରପାଲି ଏନ୍‌ଏସି**

ବରଗଡ ଜିଲା ବରପାଲି ଏନ୍‌ଏସି ଅଞ୍ଚଳରେ କମ୍ ପଇସାରେ ସଫେଇ କର୍ମଚାରୀଙ୍କୁ ଅଧିକ ସମୟ ଖଟିବାକୁ ପଡୁଛି। ଡମ୍ପିଂ ୟାର୍ଡ କର୍ମଚାରୀଙ୍କୁ ନିୟମିତ ଦରମା ଦିଆଯାଉନାହିଁ। ଏଣୁ ସଫେଇ କର୍ମଚାରୀମାନେ ଅଧିକ ସମୟ ଖଟିବାକୁ ବିରୋଧ କରିଛନ୍ତି। ସେହିପରି ଡମ୍ପିଂ ୟାର୍ଡ କର୍ମଚାରୀଙ୍କ ନିୟମିତ ଦରମା ଦାବିରେ ଉଭୟ କର୍ମଚାରୀ ଆଜି ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଦାବି ସମ୍ପର୍କରେ ବହୁ ଦିନରୁ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଯେତେ ଦିନ ଯାଏ ଦାବି ପୂରଣ ନ ହୋଇଛି କାର୍ଯ୍ୟରେ ଯୋଗ ଦେବୁନାହିଁ ବୋଲି ସଫେଇ କର୍ମଚାରୀମାନେ କହିଛନ୍ତି।


ଆନ୍ଦୋଳନରତ ସଫେଇ କର୍ମଚାରୀବୃନ୍ଦ।

# ଉପଜିଲାପାଳଙ୍କ ଅଫିସରେ ତାଲା, ବାକି ସବୁ ଖୋଲା

**ପଦ୍ମପୁର,୨୦।୬(ଡି.ଏନ.ଏ.)**

**ବୀମା ଦାବିରେ ଚାଷୀଙ୍କ ଆନ୍ଦୋଳନ ଘଟଣା**

ବୀମା କ୍ଷତିପୂରଣ ଦାବିରେ ବରଗଡ ଜିଲା ରାଜବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ପଦ୍ମପୁର ଉପଖଣ୍ଡର ସରକାରୀ ଅଫିସ୍‌ରେ ତାଲା ପକାଇ ଆନ୍ଦୋଳନ ଜାରି ରହିଛି। ସରକାରୀ ଅଫିସ ବନ୍ଦ ଯୋଗୁ ଚାଷୀଙ୍କ ବୀମା ପାଇଁ ଭେରିଫିକେଶନ ବାଧାପ୍ରାପ୍ତ ହେବ। ତେଣୁ ରାଜବୋଡାସମ୍ବର କୃଷକ ସଙ୍ଗଠନର କର୍ମକର୍ତ୍ତା, ଓକିଲ ସଂଘ ସଭାପତି ଉମେଶ ସାହୁ, ଆଇନଜୀବୀ ଗୌନ୍ତିଆ ସାହୁ, ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ବସ୍ ମାଲିକ ସଂଘ ସଭାପତି ମନୋରଞ୍ଜନ ସିଂ ବରିହା, ନାଗରିକ କମିଟି ସମ୍ପାଦକ ଅଜିତ ଶତପଥି ପ୍ରମୁଖ ସୋମବାର ଏ ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ବ୍ୟତୀତ ସମସ୍ତ କାର୍ଯ୍ୟାଳୟରୁ ତାଲା ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଫଳରେ ଚାଷୀମାନେ ରାଜସ୍ୱ, କୃଷି, ତହସିଲ ଅଫିସରେ ଭେରିଫିକେଶନ କାମ କରିପାରିବେ।

ସୂଚନାଯୋଗ୍ୟ, ଫସଲ ବୀମା ଓ ମରୁଡି ସହାୟତା ଦାବିରେ ଗତ ୧୩ତାରିଖରେ ରାଜବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ଜେଲ ଭରୋ ଆନ୍ଦୋଳନ ଡାକରା ଦିଆଯାଇଥିଲା। କିନ୍ତୁ ଆସନ୍ତା ୨୫ ତାରିଖ ସୁଦ୍ଧା ଫସଲ ବୀମା ନେଇ ନିଷ୍ପତ୍ତି ନିଆଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ଫଳରେ ଚାଷୀମାନେ ଜେଲ ଭରୋ ପରିବର୍ତ୍ତେ ଉପଜିଲାପାଳ, ତହସିଲ, ରେଜିଷ୍ଟ୍ରି ଅଫିସ ଆଦି ଅଫିସରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ପରବର୍ତ୍ତୀ ସମୟରେ ଜିଲାପାଳ, ଏସ୍‌ପି, ଏଡିଏମ୍ ଚାଷୀମାନଙ୍କ ସହ ଆଲୋଚନା କରି ଅବଶିଷ୍ଟ ୧୫ହଜାର ଚାଷୀଙ୍କ ଭେରିଫିକେସନ ରିପୋର୍ଟ ପ୍ରଦାନ କରିବାକୁ ଚାଷୀମାନଙ୍କୁ କହିଥିଲେ। ଏହି ଭେରିଫିକେସନ ରିପୋର୍ଟ ବୃତ୍ତାନ୍ତ ତାଲିକା ହେବ। ୨୨ ତାରିଖ ସୁଦ୍ଧା ଜିଲା ପ୍ରଶାସନ ପାଖରେ ରିପୋର୍ଟ ଦାଖଲ କଲେ ଚାଷୀମାନେ ସୁବିଧା ପାଇପାରିବେ।

**ପାଇକମାଳ,(ଡି.ଏନ.ଏ): ** ବରଗଡ଼ ଜିଲା ପାଇକମାଳ ବ୍ଲକ ରାଜବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ୪ଦିନ ଧରି ଚାଲିଥିବା ତାଲାବନ୍ଦ ଆନ୍ଦୋଳନ ପଦ୍ମପୁର ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ସୋମବାର ପ୍ରତ୍ୟାହାର ହୋଇଛି। ପଦ୍ମପୁର ଉପଜିଲ୍ଲାପାଳ ତ୍ରିଲୋଚନ ପାତ୍ର, ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ପ୍ରମୁଖ ଆନ୍ଦୋଳନରତ ଚାଷୀମାନଙ୍କ ସହ ଆଲୋଚନ କରି ଜୁନ ୩୦ ସୁଦ୍ଧା ଦାବି ପୂରଣ ହେବ ବୋଲି କହିଥିଲେ। ପରେ ପାଇକମାଳ ତହସିଲ, ବ୍ଲକ, କୃଷି ଓ ରାଜସ୍ୱ ନିରୀକ୍ଷକ ଅଫିସରୁ ତାଲା ଖୋଲାଯାଇଥିଲା। ଏହି ଆଲୋଚନାରେ କୃଷକ ସଙ୍ଗଠନ ସଭାପତି ବିଶ୍ୱନାଥ ରଣା, ସମ୍ପାଦକ ବାଳକୃଷ୍ଣ ବନଛୋର, କୋଷାଧ୍ୟକ୍ଷ ରାହାସ ବିହାରି ସାହୁ, ସଙ୍ଗଠନ କର୍ମୀ ସଫେତ ବାରିକ, ସୌଦାଗର ବାଗ, ଭଗବାନ ପ୍ରଧାନ ପାନାଲାଲ ସେଠ, ପରମାନ୍ଦ ଭୋଇ, ଯୁଧିଷ୍ଠିର ସାହୁ, ଭଗବାନ ପ୍ରଧାନ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ତେବେ ନିର୍ଦ୍ଧାରିତ ସମୟ ସୁଦ୍ଧା ଆକାଉଣ୍ଟକୁ ଟଙ୍କା ନ ଆସିଲେ ଚାଷୀମାନେ ଆନ୍ଦୋଳନକୁ ବ୍ୟାପକ କରିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କଠାରୁ ମୋବାଇଲ ଲୁଟ୍

ରାଉରକେଲା ଅଫିସ,୨୦।୬: ଛେଣ୍ଡ ଥାନା ଅଧୀନ କଳିଙ୍ଗ ବିହାର ଅଞ୍ଚଳର ଜଣେ ମହିଳାଙ୍କଠାରୁ ଦୁଇଜଣ ଦୁର୍ବୃତ୍ତ ସୋମବାର ମୋବାଇଲ ଓ ପର୍ସ ଲୁଟ୍ କରିଛନ୍ତି। ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୪୦।୨୨) ରୁଜୁ କରି ତଦନ୍ତ କରୁଛି। କଳିଙ୍ଗ ବିହାର ଅଞ୍ଚଳର ସୀତା ଦେବୀ ସୋମବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ନିକଟସ୍ଥ ମୁଣ୍ଡା ମାର୍କେଟକୁ ଜିନିଷ କିଣିବା ପାଇଁ ଯାଉଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ ମୋବାଇଲ ଓ ପର୍ସ ଛଡାଇ ନେଇ ପଳାଇଥିଲେ।

### ଜିଲାସ୍ତରୀୟ ରଜ ମହୋତ୍ସବ

ସୁନ୍ଦରଗଡ଼,୨୦।୬(ଡି.ଏନ.ଏ. ): ଜିଲା ପ୍ରଶାସନ ଏବଂ ଜିଲା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସୋମବାର ସ୍ଥାନୀୟ ଜିଲା ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ରଙ୍ଗୋଲି, ମେହେନ୍ଦି, ପୁଚି ଖେଳ, ରଜ ନାଚଗୀତ ଓ ରଜ ଦୋଳି ଝୁଲିବା ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଶିଷ୍ଟ ଗାଳ୍ପିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଗିରି ଦଣ୍ଡସେନା ମୁଖ୍ୟ ଅତିଥି ଏବଂ ଡାକ୍ତର ଅନନ୍ତ ଆଚାର୍ଯ୍ୟ, ଲୋକ କଳାକାର ସୁଦର୍ଶନ ତାଜନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ପର୍ବପର୍ବାଣୀରେ ରଜ ମହୋତ୍ସବର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ କୁର୍ଗା ଗ୍ରାମର ଜୟ ମା ଲକ୍ଷ୍ମୀ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଭାଗ ନେଇ ଓଡ଼ିଆଙ୍କ ପାରମ୍ପରିକ ପିଠାପଣା ଖାଦ୍ୟ ସାମଗ୍ରୀ ପ୍ରଦର୍ଶିତ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଜିଲା ସଂସ୍କୃତି ଅଧିକାରୀ କୁଳଦୀପ ଖାଖା ଧନ୍ୟବାଦ ପ୍ରଦାନ କରିଥିଲେ।

### ବାଇକ୍‌ରୁ ଖସିପଡ଼ି ୨ ଗୁରୁତର

ଦେବଗଡ଼,୨୦।୬(ଡି.ଏନ.ଏ): ରିଆମାଳ ଥାନା ଅନ୍ତର୍ଗତ ଗୋହିରା ଡ୍ୟାମ ନିକଟସ୍ଥ ରିଆମାଳ କଂସର ରାସ୍ତାରେ ଏକ ବାଇକରୁ ପଡ଼ି ୨ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ପ୍ରାୟ ୪ଟାରେ ରିଆମାଳ ବ୍ଲକ ସଦର ମହକୁମାର ଅଲେଖ ବିଶ୍ୱାଳ ଓ ଦଶଘରିଆ ଗ୍ରାମର ମୋହନ ନାଗ ଏକ ବାଇକ ଯୋଗେ କୌଣସି କାମରେ ରିଆମାଳ ଆଡକୁ ଯାଉଥିଲେ । ତେବେ ଗୋହିରା ଡ୍ୟାମର ଅନତି ଦୂରରେ ଥିବା ରିଆମାଳ-କଂସର ରାସ୍ତାର ଏକ ବୁଲାଣିରେ ହଠାତ ଭାରସାମ୍ୟ ହରାଇବାରୁ ବାଇକ ରାସ୍ତା କଡକୁ ଛିଟିକି ପଡିଥିଲା। ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ମୋହନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ଅଲେଖଙ୍କୁ ପରିବାର ଲୋକେ ଚିକିତ୍ସା ନିମନ୍ତେ ସମ୍ବଲପୁର ଜିଲାର ନାକଟିଦେଉଳ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡ଼ିଛି।

# ବିପର୍ଯ୍ୟୟ ମୁକାବିଲା ଉପରେ ଗୁରୁତ୍ୱାରୋପ

ସୁନ୍ଦରଗଡ଼,୨୦।୬(ଡି.ଏନ୍.ଏ.)



ସଦ୍‌ଭାବନା ଭବନଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ।

**ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବୈଠକ**

ସୁନ୍ଦରଗଡ଼ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସୁନ୍ଦରଗଡ଼ର ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ। ବିପର୍ଯ୍ୟୟ ଆସିବା ପୂର୍ବରୁ ପରେ ଓ ବିପର୍ଯ୍ୟୟ ସମୟରେ କିଭଳି ସଫଳତାର ସହ ମୁକାବିଲା କରାଯାଇ ଲୋକଙ୍କୁ ରକ୍ଷା କରାଯାଇ ପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଆପାଦ ଅଧିକାରୀ କୁନ୍ତୀରାଣୀ ପ୍ରଧାନ ସାମ୍ଭାବ୍ୟ ମରୁଡିର ମୁକାବିଲା ନିମନ୍ତେ ଜିଲା ପ୍ରଶାସନ ଓ ସହଯୋଗୀ ବିଭାଗର ଉତ୍ତମ ସମନ୍ୱୟ ଆବଶ୍ୟକତା ରହିବା ଆବଶ୍ୟକ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶିବଶଙ୍କର ଟପ୍ପୋ ବିଭାଗ ଗୁଡିକ ମଧ୍ୟରେ ସୁସମ୍ପର୍କ ସହିତ ଆଗୁଆ ପ୍ଲାନିଂ ଦ୍ୱାରା ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବାରେ ସହଜ ହେବ ବୋଲି ମତବ୍ୟକ୍ତ କରିଥିଲେ। ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ମୁକାବିଲା କରିବା ନିମନ୍ତେ ଏକ ଦକ୍ଷ ମାନବ ସମ୍ବଳର ସୁବିନିଯୋଗ ଉପରେ ଆଲୋକପାତ କରିଥିଲେ। ଓସଡମାର ରାଜ୍ୟ ନିରୀକ୍ଷକ ଧରଣୀଧର ପ୍ରଧାନ ଯୋଗଦେଇ ସଚେତନତା ଓ ପର୍ଯ୍ୟବେକ୍ଷଣ ଉପରେ ଦୃଷ୍ଟି ଦେବାକୁ ଜିଲା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲାର ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇ ବିଶେଷକରି ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ନିଜ ନିଜର ମତ ରଖିଥିଲେ। ଏନ୍‌ଡିଆର୍‌ଏଫ୍ ଓ ଓଡ୍ରାଫ ଟିମ୍ ଅଧିକାରୀମାନେ ଉନ୍ନତମାନର ଯନ୍ତ୍ରପାତି ଓ ଉପକରଣ ଦ୍ୱାରା ଅତୀତରେ କିଭଳି ବିପର୍ଯ୍ୟୟର ମୁକାବିଲା କରାଯାଇଥିଲା ସେ ଉପରେ ସୂଚନା ଦେବା ସହିତ ସଦାସର୍ବଦା ପ୍ରସ୍ତୁତ ଥିବା କହିଥିଲେ।

## ବଡ଼ଭାଇ ଟାଙ୍ଗିଆ ଚୋଟରେ ସାନଭାଇ ମୃତ

ଟେନ୍‌ସା/ଲହୁଣୀପଡା, ୨୦।୬ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କେ.ବଲାଙ୍ଗ ଥାନା ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତ ଲମସି ଗ୍ରାମରେ ସୋମବାର ପୂର୍ବାହ୍ନ ସାଢେ ଏଗାରଟାରେ ସାମାନ୍ୟ କଥାକୁ କେନ୍ଦ୍ର କରି ବଡ଼ଭାଇ ଟାଙ୍ଗିଆ ଚୋଟରେ ସାନଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମନୋଜ ମାହାନ୍ତ। ରବିବାର ମନୋଜଙ୍କ ଝିଅ ବିବାହ ଉତ୍ସବ ଥିଲା। ବଡଭାଇ ରଣଜିତ ମାହାନ୍ତ ଜଣୈକ ବନ୍ଧୁଙ୍କୁ ନିମନ୍ତ୍ରଣ ନ କରିବା ପାଇଁ କହିଥିଲେ ମଧ ବଡଭାଇ କଥାକୁ ନ ମାନି ମନୋଜ ଉକ୍ତ ବନ୍ଧୁଙ୍କୁ ନିମନ୍ତ୍ରଣ କରିଥିଲେ। ବନ୍ଧୁଙ୍କ ଉପସ୍ଥିତ ଦେଖି ରଣଜିତ ସାନଭାଇ ମନୋଜଙ୍କୁ ଗାଳିଗୁଲଜ କରିଥିଲେ। କିଛି ଲୋକଙ୍କ ହସ୍ତକ୍ଷେପ ଯୋଗୁ ସମସ୍ୟା ସମାଧାନ ହୋଇଯାଇଥିଲା। ବାହାଘର ଶେଷହୋଇ ସୋମବାର ସକାଳୁ କନ୍ୟା ବିଦା କରାଯାଇଥିଲା। ମାହାନ୍ତ ସମ୍ପ୍ରଦାୟର ପ୍ରଥା ଅନୁସାରେ ଝିଅ ବିଦାୟୀ ଦିନ ସମୁଦୁଣୀ ଭେଟ ପାଇଁ ପରିବାର ସହିତ ବନ୍ଧୁବାନ୍ଧବ ବହୁଳ ସଂଖ୍ୟାରେ ପୁଅ ଘରକୁ ଯାଇଥାନ୍ତି। ଏହି ସମୁଦୁଣୀ ଭେଟରେ ଯିବାପାଇଁ ବଡଭାଇ ରଣଜିତ ଯେଉଁ ବନ୍ଧୁଙ୍କୁ ବିରୋଧ କରୁଥିଲେ ତାକୁ ସାନଭାଇ ମନୋଜ ଫୋନ ଯୋଗେ ଡାକୁଥିବା ଶୁଣି ରଣଜିତ ରାଗି ଯାଇଥିଲେ। ଏହାକୁ ନେଇ ଝଗଡ଼ା ହୋଇଥିଲା। ରାଗରେ ହିତାହିତ ଜ୍ଞାନ ଭୁଲି ରଣଜିତ ଏକ ଟାଙ୍ଗିଆରେ ମନୋଜଙ୍କୁ ଆକ୍ରମଣ କରିଥିଲା। ପରିବାର ଲୋକ ମନୋଜଙ୍କୁ ଲହୁଣୀପଡା ଡାକ୍ତରଖାନାକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। କେ. ବଲାଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବଡ଼ଭାଇ ରଣଜିତ ମାହାନ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

# କଳମଙ୍ଗ ସ୍ଲରି ଟ୍ରାନ୍ସପୋର୍ଟେଶନ ସିଷ୍ଟମ ନିମନ୍ତେ ଜନଶୁଣାଣି

ଟେନ୍‌ସା, ୨୦।୬(ଡି.ଏନ୍.ଏ.)



ଜନଶୁଣାଣିରେ ଉପସ୍ଥିତ ଅଧିକାରୀ।

ରାଜ୍ୟ ପ୍ରଦୂଷଣ ବିଭାଗ ପକ୍ଷରୁ କଳମଙ୍ଗ ସ୍ଲରି ଟ୍ରାନ୍ସପୋର୍ଟସେନ ସିଷ୍ଟମ ନିମନ୍ତେ ସୋମବାର ଜନଶୁଣାଣି ଅନୁଷ୍ଠିତ ହୋଇଛି। ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ଼ ସୁନ୍ଦରଗଡ଼ ଜିଲା କୋଇଡା ତହସିଲ ଅନ୍ତର୍ଗତ କଳମଙ୍ଗ ଗ୍ରାମରେ ସ୍ଲରୀ ଟ୍ରାନ୍ସପୋର୍ଟେସନ ସିଷ୍ଟମ ସ୍ଥାପନ ନିମନ୍ତେ ଏହି ଜନଶୁଣାଣି କଳମଙ୍ଗ ଗ୍ରାମସ୍ଥିତ ଖୋଲା ପଡ଼ିଆରେ ହୋଇଥିଲା। ଜନଶୁଣାଣିରେ ସୁନ୍ଦରଗଡ଼ ଜିଲା ଅତିରିକ୍ତ ଜିଲାପାଳ ଶିବଶଙ୍କର ଟପ୍ପୋ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରାଉରକେଲା ଆଞ୍ଚଳିକ ଅଧିକାରୀ ବିନୋଦ ବିହାରୀ ଦାସ, ବୈଜ୍ଞାନିକ ବିଜୟ କୁମାର ଭୋଇ, ସେକ୍ସନ ଅଫିସର ଅନୁପମ ଦତ୍ତ, କୋଇଡା ତହସିଲଦାର ଡି.ଏସ୍. ଶୁଭଦର୍ଶୀ ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ସ୍ଲରୀ ଟ୍ରାନ୍ସପୋର୍ଟେସନ ସିଷ୍ଟମ କ୍ଷମତା ବୃଦ୍ଧି ହେଲେ ପାରିପାର୍ଶ୍ୱିକ ଅଞ୍ଚଳରେ କି ପ୍ରଭାବ ପଡିବ ଓ ଏହାର କିପରି ପ୍ରତିକାର କରାଯିବ ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁର ଜି.ଏମ୍. ପ୍ରଶାନ୍ତ ବିଶ୍ୱାଳ ଜନସାଧାରଣଙ୍କୁ କମ୍ପାନୀ ପକ୍ଷରୁ ଅବଗତ କରାଇଥିଲେ। ପରେ ଜନସାଧାରଣଙ୍କ ମତାମତ ଲୋଡ଼ା ଯାଇଥିଲା। କଳମଙ୍ଗ ଗ୍ରାମର ଦେବାନନ୍ଦ ବେହେରା, ମିନତୀ ବାଲମୁଚୁ, କୁନ୍ତୀ ପାତ୍ର, ବଣାଇର ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ଆନନ୍ଦ ବାରିକ, ବଣାଇ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଗାନ୍ଧାରୀ ପାତ୍ର, ମଞ୍ଜୁ ତିରିୟା, ଗୌରୀ କରୁଆ, ଲକ୍ଷ୍ମୀନାରାୟଣ ଜୟସ୍ୱାଲ, ପଦ୍ମିନୀ ପାତ୍ର, ସମାଜସେବୀ ବାଦଲ ବାରିକ, କୋଇଡ଼ା ବ୍ଲକ ବିଜେଡି ସଭାପତି କରୁଣାକର ପାତ୍ର, ଲକ୍ଷ୍ମୀଧର ମୁଣ୍ଡା, କୋଇଡା ଜିଲା ପରିଷଦ 'ଖ' ଅଶୋକ ନାଏକଙ୍କ ସମେତ ୬୫ରୁ ଉର୍ଦ୍ଧ୍ୱ ଜନସାଧାରଣ ସ୍ଲରୀ ଟ୍ରାନ୍ସପୋର୍ଟେସନ ସିଷ୍ଟମ ସ୍ଥାପନ ଉତ୍ପାଦନ ବୃଦ୍ଧି ସପକ୍ଷରେ ମତାମତ ଦେଇଥିଲେ। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଗ୍ରାମକୁ ପାନୀୟଜଳ, ବିଜୁଳି, ଆମ୍ବୁଲାନ୍ସ ଯୋଗାଣ, ରାସ୍ତାଘାଟର ଉନ୍ନତିକରଣ, ଖେଳ ପଡ଼ିଆ ଓ ପୂଜା ମଣ୍ଡପର ଉନ୍ନତିକରଣ, ଅଧିକ ବୃକ୍ଷରୋପଣ, ଗ୍ରାମରେ ଶିକ୍ଷକ ନିଯୁକ୍ତି ଆଦି ଗ୍ରାମବାସୀ ଦାବି କରିଥିଲେ। କଳମଙ୍ଗ ସ୍ଲରୀ ଟ୍ରାନ୍ସପୋର୍ଟସେନ ସିଷ୍ଟମ ବୃଦ୍ଧି ହେଲେ ଗ୍ରାମର ସମସ୍ତ ଦାବିକୁ ପୂରଣ କରାଯିବ ବୋଲି ଜେଏସ୍‌ଡବ୍ଲ୍ୟୁର ପ୍ରଶାସନ ବିଭାଗର ସଭାପତି ଶ୍ରୀଜିତ୍ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଜେଏସ୍‌ଡବ୍ଲ୍ୟୁ, ଉତ୍କଳ ଷ୍ଟିଲର, ଖଣି ପ୍ରୋଜେକ୍ଟ ଉପସଭାପତି ଆଶେଷ ପାଢ଼ୀ, ପ୍ରଶାସନ ବିଭାଗର ସଭାପତି ଶ୍ରୀଜିତ ମିଶ୍ର, ପ୍ରୋଜେକ୍ଟ ଅରେଶନ ବିଶ୍ୱରଞ୍ଜନ ପାଢୀ, ଜେଏସ୍‌ଡବ୍ଲ୍ୟୁର ମିଡିଆ ରିପ୍ରେଜେଣ୍ଟିପ ରୂପାଲି କର, ସିଏସ୍‌ଆର ମୁଖ୍ୟ କେଦାର ନାଥ ଶର୍ମା, ଦୀପୁଚାନ୍ଦ ବିହାରୀଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆର୍ଥିକ ଅନଗ୍ରସରଙ୍କ ସମାବେଶ

ରାଉରକେଲା ଅଫିସ,୨୦।୬

ରାଉରକେଲା ସେକ୍ଟର-୩ ସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ଷ୍ଟିଲ ଟାଉନ୍‌ସିପ୍‌ର ପୂର୍ବତନ ମଣ୍ଡଳ ସଭାପତି ମନୋଜ ସେନାପତିଙ୍କ ଅଧ୍ୟକ୍ଷତାରେ ହିତାଧିକାରୀ ଓ ଆର୍ଥିକ ଅନଗ୍ରସରଙ୍କ ସମାବେଶ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରର ସରକାର ସମାଜର ଅନ୍ତିମ ଶ୍ରେଣୀରେ ଥିବା ଗରିବ ଲୋକମାନଙ୍କ ପାଇଁ ପ୍ରଣୟନ କରିଥିବା ଲୋକାଭିମୁଖୀ ଯୋଜନା ଉପରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ତୃଣମୂଳ ସ୍ତରରେ ଭାଜପାକୁ କିଭଳି ସୁଦୃଢ଼ କରାଯିବ ଓ କେନ୍ଦ୍ର ସରକାରଙ୍କ ହିତକାରୀ ଯୋଜନାଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏମ୍‌ପି ଓରାମ ଆହ୍ୱାନ ଦେଇଥିଲେ। ସେହିପରି ସେକ୍ଟର-୫ ସ୍ଥିତ ଗୋଲଘର ପରିସରରେ ମଣ୍ଡଳ ସଭାପତି ବସନ୍ତ ସାମଲଙ୍କ ଅଧ୍ୟକ୍ଷତାରେ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୮ବର୍ଷ ଶାସନ କାଳରେ ବିଭିନ୍ନ ଐତିହାସିକ ନିର୍ଣ୍ଣୟ ଓ ଲୋକାଭିମୁଖୀ ଯୋଜନା ଉପରେ ଆଲୋଚନା କରିଥିଲେ। ସମାବେଶରେ ଭାଜପା ମହିଳା ସଭାନେତ୍ରୀ ଲତିକା ପଟ୍ଟନାୟକ, ଜଗବନ୍ଧୁ ବେହେରା, ନିହାର ରାୟ, ନରସିଂହ ମିଞ୍ଜ, ମମତା ଗୌତମ, ଶଶାଙ୍କ ଜେନା, ଅଙ୍କୁଶ ବର୍ମା, ତରୁଣ ତନ୍ତୀ, ଗଙ୍ଗାଧର ଦାଶ, ରମାକାନ୍ତ ନାୟକ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜାତୀୟ ରାଜପଥ ପାର୍ଶ୍ୱସ୍ଥ ସ୍କୁଲ ପିଲାଙ୍କ ଯାତାୟାତରେ ବିପଦ ଆଶଙ୍କା

କୁଆଁରମୁଣ୍ଡା,୨୦।୬(ଡି.ଏନ.ଏ)

ଗ୍ରୀଷ୍ମ ଛୁଟି ପରେ ସମସ୍ତ ସରକାରୀ ସ୍କୁଲ ୧୭ତାରିଖ ଅର୍ଥାତ ଶୁକ୍ରବାର ଠାରୁ ଖୋଲିଛି। ସୋମବାରଠାରୁ ସ୍କୁଲଗୁଡିକରେ ପ୍ରାୟ ଶତପ୍ରତିଶତ ପିଲା ଉପସ୍ଥିତ ରହି ପାଠ ପଢ଼ିବା ଆରମ୍ଭ କରିଛନ୍ତି। ହେଲେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକରେ ନବନିର୍ମିତ ୪ ଥାକିଆ ୧୪୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ସ୍କୁଲଗୁଡିକର ପିଲାଙ୍କ ଯାତାୟାତରେ ବିପଦ ଆଶଙ୍କା ଥିବା ଅଭିଯୋଗ ହେଉଛି। କାରଣ ରାଜପଥରେ ଏବେ ଭାରିଯାନଠାରୁ ଆରମ୍ଭ ଅନ୍ୟାନ୍ୟ ଯାତ୍ରୀବାହୀ ଯାନଗୁଡିକ ଦ୍ରୁତଗତିରେ ଯାଉଛନ୍ତି। ଏ ନେଇ ରାଜପଥରେ କୌଣସି ନିର୍ଦ୍ଦେଶ ସଙ୍କେତ ଲଗାଯାଇ ନାହିଁ। ଫଳରେ କେଉଁଠି ସ୍କୁଲ ଜୋନ୍ କି ପେଡେଷ୍ଟ୍ରିଆନ କ୍ରସିଂ ଇତ୍ୟାଦି ସାଇନ୍ ବୋର୍ଡ ନ ଥିବାରୁ ଗାଡି ଚାଳକମାନେ ତାହା ଜାଣିପାରୁନାହାନ୍ତି। ଫଳରେ ଏଥିଯୋଗୁ ଦୁର୍ଘଟଣା ଘଟିବା ଆଶଙ୍କାକୁ ମଧ୍ୟ ଏଡାଇ ହେବ ନାହିଁ। ବିଶେଷକରି ଏହି ଆଶଙ୍କା ରାଜପଥ ପାର୍ଶ୍ୱସ୍ଥ ସ୍କୁଲକୁ ଯାତାୟାତ କରୁଥିବା ପିଲାଙ୍କ କ୍ଷେତ୍ରରେ ଅଧିକ ହୋଇପାରେ। ବାରକୋଟଠାରୁ ବୀରମିତ୍ରପୁର ସୀମାନ୍ତ ଫାଟକ ପର୍ଯ୍ୟନ୍ତ ନବ ନିର୍ମିତ ଉକ୍ତ ୪ଥାକିଆ ୧୪୩ ନମ୍ବର ରାଜପଥର ବିଭିନ୍ନ ସ୍ଥାନରେ ରାଜପଥ ସମ୍ପର୍କୀତ ନିର୍ଦ୍ଦେଶାବଳୀ ସୂଚୀତ ସାଇନ ବୋର୍ଡ ଲଗାଯିବାର ଆବଶ୍ୟକତା ରହିଛି।

# ଅଗ୍ନିପଥ ଯୋଜନାକୁ ବିରୋଧ କରି ବିକ୍ଷୋଭ


କଂଗ୍ରେସ କର୍ମୀମାନେ ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

ରାଉରକେଲା ଅଫିସ,୨୦।୬

ଭାଜପା ସରକାରଙ୍କ ପ୍ରତିଶୋଧପରାୟଣ ରାଜନୀତି ଓ ଯୁବ ବିରୋଧୀ ଅଗ୍ନିପଥ ଯୋଜନାକୁ ବିରୋଧ କରି ଜିଲା ଯୁବ କଂଗ୍ରେସ କମିଟି ରାଉରକେଲା ପକ୍ଷରୁ ସୋମବାର ସହରର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶତାଧିକ ଯୁବ କଂଗ୍ରେସ କର୍ମୀ ରାଉରକେଲା ପାନପୋଷ ଛକ ଓ ଉଦିତନଗର ଆମ୍ବେଡ଼କର ଛକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହ ମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କେନ୍ଦ୍ର ସରକାର ଦେଶର ଯୁବପିଢିଙ୍କ ଜୀବନ ସହ ଖେଳୁଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା। ବିକ୍ଷୋଭ ସମାବେଶରେ ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଅନୀଲ ଗୁରୁମ, କୀର୍ତ୍ତନ ଦାସ, ବୀରେନ ସେନାପତି, ଦେବବ୍ରତ ବିହାରୀ, ନିରୁପମା ବଲିଆରସିଂ, ସବୀର ହୁସେନ, ନିହାର ସାମଲ, ରାଜ କୁମାର ଯାଦବ, ରଶ୍ମୀ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରାଇଭର ମହାସଂଘର ବିଧାୟକଙ୍କୁ ଦାବିପତ୍ର

ବଡ଼ଗାଁ, ୨୦।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ତଲସରା ନିର୍ବାଚନମଣ୍ଡଳୀର ଡ୍ରାଇଭର ମହାସଂଘ ପକ୍ଷରୁ ସୋମବାର ସ୍ଥାନୀୟ ବିଧାୟକ ଭବାନୀ ଶଙ୍କର ଭୋଇଙ୍କୁ ଦାବିପତ୍ର ଦିଆଯାଇଛି। ରାଜ୍ୟ ସରକାରଙ୍କୁ ଦାବି ପୂରଣ ପାଇଁ ଅବଗତ କରାଇବାକୁ ବିଧାୟକଙ୍କୁ ଲିଖିତ ଜଣାଇଛନ୍ତି। ଡ୍ରାଇଭର ମହାସଂଘର ଦାବିଗୁଡିକ ହେଲା, ଡ୍ରାଇଭର ସମାଜର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ଗାଡ଼ି ପାର୍କିଂ ଓ ବିଶ୍ରାମଗୃହ ପ୍ରତି ୧୦୦ କିଲୋମିଟରରେ ନିର୍ମାଣ, ୫୫ ବର୍ଷରେ ପେନସନ, ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭରଙ୍କୁ ୨୦ଲକ୍ଷ ବୀମାରାଶି ପ୍ରଦାନ, ଡ୍ରାଇଭର ଆବାସ ଯୋଜନାରେ ଘର ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ପ୍ରଦାନ, ୫ଲକ୍ଷ ଟଙ୍କାର ଚିକିତ୍ସା ବୀମା ଯୋଗାଇ ଦିଆଯାଉ ଆଦି ୧୦ ଦାବି ରହିଛି। ତଲସରା ନିର୍ବାଚନମଣ୍ଡଳୀର ଡ୍ରାଇଭର ମହାସଂଘ ସଭାପତି ସନ୍ତୋଷ ଜୁରାଙ୍କ ସହିତ ସଂଘ କର୍ମକର୍ତ୍ତା ଦିଲ୍ଲୀପ ଚକ୍ରବର୍ତ୍ତୀ, ସଞ୍ଜୀବ ବିଶି, ରମଜାନ ଖାନ, ଏମ.ଡି, ଫକ୍ରୁଦ୍ଦିନ ଶଶିଭୂଷଣ ସା, ସରୋଜ ଡୁଙ୍ଗଡୁଙ୍ଗ, ଯୋଗେଶ୍ୱର ବଢେଇ ପ୍ରମୁଖ ବିଧାୟକଙ୍କୁ ସାକ୍ଷାତ କରି ଦାବି ଓ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୂର୍ବରୁ ଦାବିପତ୍ର ଦିଆଯାଇଥିଲେ ମଧ ଦାବିପୂରଣ ହୋଇନାହିଁ। ତେଣୁ ବିଧାୟକଙ୍କୁ ରାଚ୍ୟ ସରକାରଙ୍କ ଅବଗତି ନିମନ୍ତେ ଦାବିପତ୍ର ଦିଆଯାଇଛି।

ପ୍ରକାଶ ଯେ, ଡ୍ରାଇଭରମାନେ ସମ୍ବଲପୁରରୁ ପଦଯାତ୍ରାରେ ଭୁବନେଶ୍ୱର ଯାଇ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇ ଅବଗତ କରିଥିଲେ। କିନ୍ତୁ ସୁଫଳ ନ ମିଳିବାରୁ ଏପ୍ରିଲ ୧୮ ବିଶାଳ ରାଲିରେ ଯାଇ ଡ୍ରାଇଭର ମହାସଂଘ ନବୀନ ନିବାସ ଆଗରେ ଧାରଣା ଦେଇଥିଲେ। ଏନେଇ ରାଜ୍ୟ ସରକାର ୩ ମାସ ମଧ୍ୟରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତଥାପି ଦାବି ପୂରଣ ହୋଇପାରିନାହିଁ।

# ବ୍ଲକ କଂଗ୍ରେସ ପକ୍ଷରୁ ଗଣବିକ୍ଷୋଭ

କୁତ୍ରା, ୨୦।୬ (ଡି.ଏନ.ଏ.)

ଆକ୍ରୋଶମୂଳକ ଭାବରେ ରାହୁଲ ଗାନ୍ଧୀଙ୍କୁ ଇଡିର ଜେରା ବିରୋଧରେ ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ କଂଗ୍ରେସ ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ନେତାମାନେ ଅଭିଯୋଗ କରି କହିଛନ୍ତି, ଭାଜପା ସରକାର ଦେଶ ବିରୋଧି ନିତି କରିଆସୁଛି। ତାର ପ୍ରତିବାଦ ସବୁବେଳେ କଂଗ୍ରେସ ତଥା ରାହୁଲ ଗାନ୍ଧୀ କରିଆସୁଛନ୍ତି। ସେଥିପାଇଁ ରାହୁଲ ଗାନ୍ଧୀଙ୍କୁ ଇଡିର ଜେରା ସହିତ ବିଭିନ୍ନ କ୍ଷେତ୍ରରେ ହଇରାଣ କରାଯାଉଛି। ଯେତେବେଳେ କଂଗ୍ରେସ ଏହାକୁ ଦମନ କରିବାକୁ ରାଜରାସ୍ତାକୁ ଓହ୍ଲାଉଛି ପୋଲିସର ବର୍ବରତା ଦେଖିବାକୁ ମିଳୁଛି। ତେଣୁ ପୋଲିସ ବର୍ବରତା ବିରୋଧରେ ଓ ଅଗ୍ନିପଥ ଜୋଜନାକୁ ବନ୍ଦ କରାଯିବା ଦାବିରେ କଂଗ୍ରେସ ପକ୍ଷରୁ ଏହି ଗଣବିକ୍ଷୋଭ କରାଯାଉଛି ବୋଲି ରାଜଗାଙ୍ଗପୁର ବିଧାୟକ ଡ.ରାଜେନ ଏକ୍କା ପ୍ରକାଶ କରିଛନ୍ତି। ଏହି ଅବସରରେ କୁତ୍ରା ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ ବେହେରା, ଆନନ୍ଦ ଏକ୍କା, ଲକ୍ଷ୍ମଣ ଦାନୀ, ଇକବାଲ ମଲ୍ଲିକ, ସୁକାନ୍ତି ଟପ୍ପୋ, ପେଣୋ ବାହାଲା, ମଙ୍ଗଳ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ। ନେତାମାନେ ବ୍ଲକ ସମ୍ମୁଖରେ ପ୍ରତିବାଦ ସଭା କରି ଭାଜପା ସରକାର ବିରୋଧରେ କହିଥିଲେ।


କଂଗ୍ରେସ ପକ୍ଷରୁ କୁତ୍ରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସଭା।

# ଧରାଦେଉ ନାହିଁ ଆହତ ମାଈହାତୀ

ଦେବଗଡ଼,୨୦।୬(ଡି.ଏନ୍.ଏ.)

ବହୁ କଷ୍ଟରେ ଠାବ ହେଲା ପିକଅପ୍ ଭ୍ୟାନ୍ ଧକ୍କାରେ ଆହତ ହୋଇଥିବା ମାଈହାତୀ। ହେଲେ ଧରା ଦେଉ ନ ଥିବାରୁ ଚିକିତ୍ସା ଆରମ୍ଭ ହୋଇନାହିଁ। ଫଳରେ ଚିନ୍ତାରେ ପଡ଼ିଛନ୍ତି ଉଭୟ ଦେବଗଡ଼ ଏବଂ ବାମରା ବନଖଣ୍ଡର କର୍ମଚାରୀ। ଆହତ ମାଈ ହାତୀକୁ କାବୁ କରିବାକୁ ଉଦ୍ୟମ ଚଳାଇଛନ୍ତି ବନବିଭାଗ କର୍ମଚାରୀ ଏବଂ ହାତୀ ସ୍କ୍ୱାଡ୍। ଡକ୍ଟର ବିକ୍ରମଙ୍କ ନେତୃତ୍ୱରେ ଶିମିଳିପାଳରୁ ଆସିଥିବା ସ୍ୱତନ୍ତ୍ର ଚିକିତ୍ସକ ଦଳ ମଧ ହାତୀଟିର ଚିକିତ୍ସା ନିମନ୍ତେ ବଳଦିଆ ଜଙ୍ଗଲରେ ପହଞ୍ଚି ସାରିଛନ୍ତି। ମାତ୍ର ହାତୀ ଦେବଗଡ଼ ବନଖଣ୍ଡ ପ୍ରଭାଶୁଣି ସଂରକ୍ଷିତ ଜଙ୍ଗଲ ଆଡକୁ ମୁହାଁଉଥିବାରୁ ହାତୀଟିର ଚିକିତ୍ସା ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ ବାମରା ଡିଭିଜନର ବନଖଣ୍ଡ ଅଧିକାରୀ ଫାଲଗୁନୀ ସାରଥୀ ମଲ୍ଲିକ ଓ ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ ଦେବଗଡ଼-ବାମରା ବନଖଣ୍ଡର ସୀମାନ୍ତବର୍ତ୍ତୀ ଜଙ୍ଗଲରେ ଉପସ୍ଥିତ ରହି ମିଳିତ ଭାବେ ପରିସ୍ଥିତି ଅନୁଧାନ କରୁଥିବା ଜଣାପଡିଛି।


ଜଙ୍ଗଲ ମଧ୍ୟରେ ମାଈହାତୀକୁ ଠାବ କରାଯାଇଛି।

**ଅପେକ୍ଷା କରିଛନ୍ତି ଚିକିତ୍ସକ ଦଳ**

ରବିବାର ରାଉରକେଲାରୁ ଏକ ଚିକିତ୍ସକ ଦଳ ଆହତ ମାଈ ହାତୀର ଚିକିତ୍ସା ନିମନ୍ତେ ବଳଦିଆ ଜଙ୍ଗଲରେ ପହଞ୍ଚିଥିଲେ ମଧ ରାତିରେ ହାତୀର ସନ୍ଧାନ ନ ମିଳିବାରୁ ଚିକିତ୍ସା ସମ୍ଭବ ହୋଇ ନ ଥିଲା। ଅନୁରୂପ ଭାବେ ସୋମବାର ସକାଳୁ ଶିମିଳିପାଳରୁ ଡକ୍ଟର ବିକ୍ରମଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଚିକିତ୍ସକ ଦଳ ଏଠାରେ ପହଞ୍ଚିଥିଲେ। ମାତ୍ର ଟ୍ରାକିଂ ସତ୍ତ୍ୱେ ଦୀର୍ଘ ସମୟ ପର୍ଯ୍ୟନ୍ତ ହାତୀର କୌଣସି ସନ୍ଧାନ ମିଳିପାରି ନ ଥିଲା। ସୋମବାର ଅପରାହ୍ନରେ ହାତୀକୁ ଘଞ୍ଚ ଜଙ୍ଗଲ ମଧ୍ୟରେ ଠାବ କରାଯାଇଥିଲା। ମାତ୍ର ହାତୀ ଧରା ଦେଉ ନ ଥିବାରୁ ବର୍ତ୍ତମାନ ପର୍ଯ୍ୟନ୍ତ ତା'ର ଚିକିତ୍ସା ଆରମ୍ଭ କରାଯାଇ ପାରିନାହିଁ। ଖୁବ୍‌ଶୀଘ୍ର ହାତୀକୁ କାବୁ କରାଯିବାକୁ ଉଦ୍ୟମଜାରି ରହିଛି ଓ କାବୁ କରିବା ପରେ ଚିକିତ୍ସା ଆରମ୍ଭ ହେବ ବୋଲି ଦେବଗଡ଼ ଫରେଷ୍ଟ ଅଫିସର ଦେବଦତ୍ତ ନନ୍ଦ ପ୍ରକାଶ କରିଛନ୍ତି। ରବିବାର ପ୍ରତ୍ୟୁଷରେ ୨୩ ଟିକିଆ ହାତୀ ଦଳ ରାସ୍ତା ପାରି ହେଉଥିବା ବେଳେ ୪୯ନମ୍ବର ଜାତୀୟ ରାଜପଥରେ ଏକ ପିକଅପ୍ ଭ୍ୟାନ ଧକ୍କା ଦେବାରୁ ମାଈହାତୀ ଆହତ ହୋଇଥିଲା।

# ଚିକିତ୍ସାଳୟରେ ପୌରାଧକ୍ଷା, କାଉନସିଲରଙ୍କ ଧାରଣା

ରାଜଗାଙ୍ଗପୁର, ୨୦।୬(ଡି.ଏନ୍.ଏ.)

ଡାକ୍ତରଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟରେ ସୋମବାର ପୌରାଧକ୍ଷା, କାଉନସିଲମାନେ ଧାରଣା ଦେଇଥିଲେ। ଶେଷରେ ଡାକ୍ତର କ୍ଷମା ମାଗିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଘଟଣା ହେଲା, ଚଳିତ ମାସ ୧୪ ତାରିଖରେ ରାଜଗାଙ୍ଗପୁର ପୌରାଧକ୍ଷା ମାଧୁରୀ ଲୁଗୁନ, ଉପନଗରପାଳ ଓ କେତେକ କାଉନସିଲର ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ପରିଦର୍ଶନ କରିବା ପାଇଁ ଯାଇଥିଲେ। ସରକାରୀ ଚିକିତ୍ସାଳୟ ଡାକ୍ତର ଅବିନାଶ ପ୍ରଧାନ ପୌରାଧକ୍ଷାଙ୍କୁ ଦୁର୍ବ୍ୟବହାର କରିଥିବାର ଅଭିଯୋଗ ପୌରାଧକ୍ଷା ଆଣିଥିଲେ। ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟର ଅଧିକାରୀ ତଥା ସିଡିଏମଓଙ୍କୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ସମୟ ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ସୋମବାର ସକାଳ ୯ଟାରେ ପୌରାଧକ୍ଷା, ଉପନଗରପାଳ, କାଉନସିଲର ତଥା ବିଜେଡି ଟାଉନ ସଭାପତିଙ୍କ ସମେତ ବିଜେଡି ସଦସ୍ୟ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟରେ ଧାରଣାରେ ବସିଥିଲେ। ଡାକ୍ତରଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିକରି ବିଭିନ୍ନ ସ୍ଲୋଗାନ ମାନ ଦେଇଥିଲେ। ଏହି ଘଟଣାକୁ ଦେଖି ସରକାରୀ ଚିକିତ୍ସାଳୟ ମୁଖ୍ୟ ଡାକ୍ତର ଜଗଦୀଶ ଟପ୍ପୋ ଡାକ୍ତର ଅବିନାଶ ପ୍ରଧାନଙ୍କୁ ସାଙ୍ଗରେ ଧରି ଧାରଣାସ୍ଥଳରେ ପହଞ୍ଚିଥିଲେ। ଏହାର ଏକ ସମାଧାନ ପାଇଁ ଡାକ୍ତର ଅବିନାଶ ପ୍ରଧାନ ପୌରାଧକ୍ଷାଙ୍କୁ କ୍ଷମା ମାଗିଥିଲେ। ପୌରାଧକ୍ଷା କହିଥିଲେ ଆପଣମାନେ ଡାକ୍ତର। ଆପଣମାନଙ୍କର ବ୍ୟବହାର ଏପରି ହେବା କଥା ଯେ ରୋଗୀ ଆପଣଙ୍କ ପାଖରେ ପହଞ୍ଚିଲେ ଆପଣଙ୍କର ବ୍ୟବହାରରେ ଅଧାରୋଗ ଭଲ ହୋଇଯିବ। ଏହାକୁ ସର୍ବଦା ଧ୍ୟାନ ରଖନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଏହା ପରେ ପୌରାଧକ୍ଷା ଧାରଣାରୁ ନିବୃତ୍ତ ହୋଇଥିଲେ।

## ୧୫ ୟୁନିଟ ରକ୍ତ ସଂଗ୍ରହ

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ସାମ୍ବାଦିକ ସଙ୍ଗଠନ ପକ୍ଷରୁ ବିଜୁ ପଟ୍ଟନାୟକ ଜୁନିୟର କଲେଜ ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଲମ୍ବୋଦର ନିଆଲ, କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ଗୟାଧର ମହାନ୍ତି, ସାମ୍ବାଦିକ ସଙ୍ଗଠନ ସଭାପତି ବିଶିକେଶନ ପଣ୍ଡା, ସମ୍ପାଦକ ଭାଗ୍ୟବାନ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଶିବିରରେ ୧୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କୁ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଥିଲା।

## ସଂକ୍ଷେପରେ

### ପିକ୍ଅପ ଭ୍ୟାନ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ଦେଓଗାଁ,୨୦।୬(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ରେଣୁ ଏଣ୍ଡ ରେଣୁ ଢାବା ସମ୍ମୁଖରେ ଏକ ପିକଅପ ଭ୍ୟାନ ଧକ୍କାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଇଁନ୍ତଳା ଥାନା ଅନ୍ତର୍ଗତ ରେଙ୍ଗାଲିର ବିରେନ ମଲ୍ଲିକ (୨୩) ଓ ପିପିଡା ଗ୍ରାମର ମନୋଜ ବିଶି (୨୮)। ଦୁହେଁ ବାଇକରେ ବଲାଙ୍ଗୀର ଯାଉଥିଲେ। କଲକତାରୁ ଟିଟିଲାଗଡ ଅଭିମୁଖେ ଯାଉଥିବା ପିକଅପ ଭ୍ୟାନ ସେମାନଙ୍କୁ ସାମନା ପଟୁ ଧକ୍କା ହେଇଥିଲା। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଦେଓଗାଁ ଥାନା ପୋଲିସ ମୃତଦେହ ଜବତ କରିଛି। ପିକଅପ ଭ୍ୟାନରେ ଥିବା ଏମଡି ସୁଏବ, ଏମଡି ଲାଲ ଓ ଡ୍ରାଇଭର ସୋନୁ ମଧ ଆହତ ହୋଇଛନ୍ତି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ବାମଦେବ ଶଙ୍ଖୁଆଲ ସୂଚନା ଦେଇଛନ୍ତି।

### ୩ ଦିନ ହେଲା ପାଇପ୍ ଜଳଯୋଗାଣ ବନ୍ଦ

ଲାଠୋର, ୨୦।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜଳଯୋଗାଣ ପ୍ରକଳ୍ପ ନଂ ୨ ଗତ ଶନିବାରଠାରୁ ଅଚଳ ହୋଇପଡିଛି। ମରାମତି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏଥିଯୋଗୁ ଗାଁର ୪ହଜାରରୁ ଉର୍ଦ୍ଧ୍ୱ ଲୋକେ ପାଇପ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସରିତା କୁଜୁରଙ୍କୁ ପଚାରିଲେ ଆଜିକାଲି କହି ସମୟ ଗଡ଼େଇ ଚାଲିଛନ୍ତି। ଫଳରେ ଲୋକେ ସ୍ୱଚ୍ଛ ପାନୀୟ ଜଳ ନ ପାଇ ଏହି ଗ୍ରୀଷ୍ମ ପ୍ରବାହ ମଧରେ ଆଉଟପାଉଟ ହେଉଛନ୍ତି। କୂଅ, ପୋଖରୀରର ଦୂଷିତ ଜଳ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଗତ ତିନି ମାସ ମଧରେ ଅନେକ ଥର ମୋଟର ପୋଡ଼ି ଥିଲେ ହେଁ ତାର କାରଣ କଣ ଏଦିଗରେ କାମ କରୁଥିବା କର୍ମଚାରୀ ମାନେ ସାଧାରଣ ଲୋକଙ୍କୁ ଅବଗତ କରୁ ନାହାନ୍ତି। ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲଙ୍କୁ ପଚାରିବାରୁ ମଙ୍ଗଳବାର ମୋଟର ମରାମତି କରି ଜଳ ଯୋଗାଣ ସ୍ୱାଭାବିକ କରାଯିବ ବୋଲି କହିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପ୍ରକଳ୍ପ ପରିଦର୍ଶନରେ ଆସି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

### ହେଲଥ ସବ୍ସେଣ୍ଟର ପାଇଁ ଗ୍ରାମବାସୀଙ୍କ ଦାବି

ଖଡ଼ିଆଲ,୨୦।୬(ଡି.ଏନ.ଏ.): ନୂତନ ଗଠିତ ଚନାବେଡା ଗ୍ରାମ ପଞ୍ଚାୟତରେ ହାରାହାରୀ ପାଞ୍ଚହାଜର ଜନସଂଖ୍ୟା ବିଶିଷ୍ଟ ହୋଇଥିଲେ ମଧ ହେଲଥ ସବସେଣ୍ଟର ତାଲିକାରେ ସ୍ଥାନ ପାଇନାହିଁ। ସୂଚନା ଯେ, ସ୍ୱାସ୍ଥ୍ୟ ବିଭାଗ ନୂଆପଡାରୁ ଏକ ପ୍ରପୋଜାଲ ତାଲିକା ଭୁବନେଶ୍ୱରକୁ ପଠାଯାଇଛି। ଯେଉଁ ତାଲିକାରେ କମ ଜନସଂଖ୍ୟା ବିଶିଷ୍ଟ ଗ୍ରାମପଞ୍ଚାୟତ ନାମ ପ୍ରକାଶ ପାଇଥିଲେ ମଧ ପାଞ୍ଚ ହଜାର ଜନସଂଖ୍ୟା ଥିବା ଚନାବେଡା ଗ୍ରାମପଞ୍ଚାୟତ ନାମ ସ୍ଥାନ ପାଇନାହିଁ। ଉକ୍ତ ତାଲିକାରେ ଚନାବେଡା ଗ୍ରାମକୁ ସାମିଲ କରିବା ପାଇଁ ୱାର୍ଡ ସଭ୍ୟ ଲିଲୁ ବେହେରା, ପୂର୍ବତନ ସରପଞ୍ଚ ତୋଷବନ୍ତ ବେହେରା, ଅଙ୍କିତ ଶଡଙ୍ଗୀ, ପୁରୁଷୋତ୍ତମ ସଗରୀଆ, ମିତ୍ରବାଦୀ ମଲ୍ଲିକ, ପ୍ରଭାକର ବେହେରା ପ୍ରମୁଖ ଗଣମାଧମରେ ପ୍ରକାଶ କରିଛନ୍ତି।

### ବିଜେଡି ପକ୍ଷରୁ ମନ୍ତ୍ରୀଙ୍କୁ ସ୍ୱାଗତ

ବୋଡେନ,୨୦।୬(ଡି.ଏନ.ଏ.): ରାଜ୍ୟ ସରକାରଙ୍କ ଦ୍ୱାରା ନବନିଯୁକ୍ତ ଯୋଜନା ଓ ସଂଯୋଜନ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କୁ ସୋମବାର ନୂଆପଡ଼ା ଜିଲା ବୋଡେନ ବିଜୁ ଜନତା ଦଳ ପକ୍ଷରୁ ସ୍ୱାଗତ କରାଯାଇଛି। ମନ୍ତ୍ରୀଙ୍କ ବୋଡେନ ଗସ୍ତ ସମୟରେ ଜିଲା ସମ୍ପାଦକ ଲମ୍ବୋଦର ନିଆଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ଅଧକ୍ଷା ପ୍ରେମଶିଳା ନାଗଙ୍କ ସହ ମହମ୍ମଦ ଇମରାନ୍, ରିଖିରାମ କାଣ୍ଡ, ଇନ୍ଦ୍ରମଣି ମାଝି, ସୁନାଧର ମାଝି ପ୍ରମୁଖଙ୍କ ସହ ବିଜେଡି କର୍ମୀ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ।

### ମହୀୟସୀ ମହିଳାଙ୍କ ପରଲୋକ

ବଲାଙ୍ଗୀର ଅଫିସ,୨୦।୬: ଅବସରପ୍ରାପ୍ତ କଲେଜ ଅଧକ୍ଷ ଦାମୋଦର ପାଢ଼ୀଙ୍କ ସ୍ତ୍ରୀ ରୁକ୍ମିଣୀ ପାଢ଼ୀ (୭୩)ଙ୍କର ଶନିବାର ସନ୍ଧ୍ୟାରେ



ବଲାଙ୍ଗୀର କୋଶଳ ନଗରସ୍ଥିତ ବାସଭବନରେ ହୃଦ୍ଘାତରେ ପରଲୋକ ଘଟିଛି। ଦିବଙ୍ଗତ ରୁକ୍ମିଣୀ ଜଣେ ମେଳାପୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ପରଲୋକ ଖବର ପାଇବା ପରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ସମ୍ପର୍କୀୟ ତାଙ୍କ ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ଦାମୋଦର ପାଢ଼ୀ, ଦୁଇଝିଅ ଅର୍ଚ୍ଚନା ଓ ଅଞ୍ଜନା, ଜ୍ୱାଇଁ ବାଲାଜୀ ଓ କମଳ, ପରିବାସ ସଦସ୍ୟ କୃପାସିନ୍ଧୁ, ବୃନ୍ଦାବନ, ଡା. ନନ୍ଦକିଶୋର ପାଢ଼ୀ ଉପସ୍ଥିତ ଥିଲେ। ବିଭୂତିପଡା ସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ବଡଝିଅ ଅର୍ଚ୍ଚନା ମୁଖାଗ୍ନି ଦେଇଥିଲେ।

# ଏ ଯାଏ ମିଳିନି ଫସଲ ବୀମା ରାଶି

## ତହସିଲ ଅଫିସ ଘେରାଉ

ସଇଁତଳା,୨୦।୬(ଡି.ଏନ.ଏ.)

ଫସଲ ବୀମା ରାଶି ତୁରନ୍ତ ଚାଷୀଙ୍କୁ ପ୍ରଦାନ କର। ଏହିଭଳି ଦାବି କରି ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କଂଗ୍ରେସ ଦଳ ତରଫରୁ ସୋମବାର ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାର ସୁରେନ୍ଦ୍ର ମେହେରଙ୍କୁ ପ୍ରଦାନ କରାଯାଇଛି।

ଏଥିରେ ଦର୍ଶାଯାଇଛି ଯେ, ୨୦୨୧ ମସିହାରେ ସଇଁତଳା ବ୍ଲକର ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିଲେ। ବର୍ଷା ଆରମ୍ଭ ପୂର୍ବରୁ ବୀମା ଟଙ୍କା ଚାଷୀଙ୍କ ବ୍ୟାଙ୍କ ଖାତାରେ ବୀମା କମ୍ପାନୀ ଜମା କରିଥାଏ। ୨୦୨୧ମସିହାରେ ହୋଇଥିବା ବୀମାର ଟଙ୍କା ଅଦ୍ୟାବଧି କୌଣସି ଚାଷୀଙ୍କ ବ୍ୟାଙ୍କ ଖାତାକୁ ଆସିନାହିଁ। ଏପଟେ ଚଳିତ ବର୍ଷ ପାଇଁ ଫସଲ ବୀମା ଆରମ୍ଭ ହୋଇସାରିଲାଣି। ଚାଷୀମାନେ ବୀମା ଟଙ୍କାକୁ ଚାଷରେ ଲଗାଇଥାନ୍ତି। ହେଲେ ଦୀର୍ଘଦିନ ହେଲା ବୀମା ଟଙ୍କା ପ୍ରଦାନ କରିନାହିଁ। ଅବିଳମ୍ବେ ବୀମା ଟଙ୍କା ପ୍ରଦାନ ଦାବିକୁ ଅଧିକ ଶାଣିତ କରିବା ପାଇଁ ସୋମବାର ସଇଁତଳା ବ୍ଲକ କଂଗ୍ରେସ ସଭାପତି ଗୁଣ ସାଗର ମାଝିଙ୍କ ନେତୃତ୍ୱରେ ଚାଷୀମାନେ କଂଗ୍ରେସ ଭବନରୁ ଏକ ବାଇକ ରାଲିରେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ପ୍ରତିବାଦ ସଭାରେ ଚାଷୀଙ୍କୁ ତୁରନ୍ତ ବୀମା ଟଙ୍କା ପ୍ରଦାନ, ମରୁଡ଼ିର ସ୍ଥାୟୀ ସମାଧାନ ପାଇଁ ତେଲ ଓ ଲାନ୍ତନଦୀରେ ବ୍ୟାରେଜ ନିର୍ମାଣ କରି ଜମିକୁ ପାଣି ଯୋଗାଇଦେବା, ମରୁଡ଼ି ପ୍ରପୀଡ଼ିତ ଚାଷୀଙ୍କୁ ମାଗଣାରେ ସାର ବିହନ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ତହସିଲଦାର ମେହେର ଧାରଣାସ୍ଥଳକୁ ଆସ ଚାଷୀଙ୍କ ସମସ୍ୟା ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ପରେ ଚାଷୀମାନେ ୩ଦଫା ସମ୍ବଳିତ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମୋନିକା ସିଂ ଭୋଇ, ବ୍ଲକ କଂଗ୍ରେସ ସଭାପତି ଗୁଣସାଗର ମାଝି, ସୁବ୍ରତ କୁମାର ବେହେରା, ବ୍ଲକ କୃଷକ ସଂଘ ସଭାପତି ସତ୍ୟନାରାୟଣ ପଣ୍ଡା, ଚାଷୀ ଉତ୍ତମ ପଟେଲ, ବାଞ୍ଛାନିଧି ବୁଡ଼େକ, ଜୁରାବନ୍ଧ ସରପଞ୍ଚ କରିଷ୍ମା ନନ୍ଦ, ଜିଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, କୃଷି ରାଜପାଲିଆ, ଜ୍ୟୋର୍ତିମୟ ମହାନ୍ତି, ଅନନ୍ତ କାଲସାଏ, ସୁବୋଧ ମିଶ୍ର, କୃଷ୍ଣଚନ୍ଦ୍ର ସାହୁ, ମଦନ ନାଗ, ନବୀନ ରଣା, ଅଶୋକ ସାହୁ, ଅମିତ ରଥ, କାନନ ପଟ୍ଟନାୟକଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଏଲିମେଣ୍ଟାରୀ ଶିକ୍ଷକଙ୍କୁ ଇଗ୍ନୁରେ ବିଏଡ୍ ସୁଯୋଗ ଦିଅ

ଲାଠୋର, ୨୦।୬(ଡି.ଏନ.ଏ.)

ଏଲିମେଣ୍ଟାରୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗନୋ)ରେ ବିଏଡ଼ ପାଠ୍ୟକ୍ରମରେ ଉଚ୍ଚଶିକ୍ଷା ପାଇଁ ସୁଯୋଗ ଦିଆଯାଉନାହିଁ। ଏଥିଯୋଗୁଁ ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିବା ନେଇ ବଲାଙ୍ଗୀର ଜିଲା ଲାଠୋର ଅଞ୍ଚଳରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଶିକ୍ଷକ ଗଜମଣି ବାଗ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟ୍ୱିଟର ଯୋଗେ ଅନୁରୋଧ କରିଛନ୍ତି। ଯେଉଁ ଯୁବତୀ ଯୁବକମାନେ ବିନା ତାଲିମରେ ଶିକ୍ଷା ସହାୟକ ପଦବୀରେ ବିଦ୍ୟାଳୟମାନଙ୍କରେ ଶିକ୍ଷୟିତ୍ରୀ ଶିକ୍ଷକଭାବେ ନିଯୁକ୍ତି ପାଇ ଶିକ୍ଷାଦାନ ଦେଉଥିଲେ ତାଙ୍କୁ କେନ୍ଦ୍ର ସରକାର ରାଷ୍ଟ୍ରିୟ ମୁକ୍ତ ବିଦ୍ୟାଳୟ (ଏନଆଇଓଏସ) ଅନୁଷ୍ଠାନ ଅଧିନରେ ଡ଼ିପ୍ଲୋମା-ଇନ-ଏଲିମେଣ୍ଟାରୀ ଏଜୁକେଶନ ତାଲିମ ନେବାପାଇଁ ସୁଯୋଗ ଦେଇଥିଲେ। ଏଥିରେ ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଇ ଶିକ୍ଷକତା କରୁଛନ୍ତି। ହେଲେ ସେମାନେ ଉଚ୍ଚ ଶିକ୍ଷା ଗ୍ରହଣ କରିବାର ଇଚ୍ଛା ପ୍ରକାଶ କରି ଏଲିମେଣ୍ଟାରୀ ତାଲିମ ପ୍ରମାଣ ପତ୍ର ନେଇ ଇଗନୋରେ ବିଏଡ଼ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଗଲେ ଇଗନୋ ସେମାନଙ୍କୁ ନାମ ଲେଖାରେ ସୁଯୋଗ ଦେଉନାହିଁ। ଫଳରେ ସେମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ବିଏଡ଼ ପାଠ୍ୟକ୍ରମରୁ ବଞ୍ଚିତ ଆଶାୟୀଙ୍କ ଏକ ତାଲିକା ପ୍ରସ୍ତୁତ କରି ଇଗନୋରେ ନାମ ଲେଖାଇବା ପାଇଁ ସୁଯୋଗ ଦେବାକୁ ସାଧାରଣରେ ଦାବି ହେଉଛି।

# ଇପିଏଫ୍ ଆସୋସିଏଶନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ପୋଷ୍ଟକାର୍ଡ ପ୍ରେରଣ




ଇପିଏଫ୍ ଆସୋସିଏଶନ୍ ପକ୍ଷରୁ ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ ପୋଷ୍ଟକାର୍ଡ ପଠାଉଛନ୍ତି।

ବଲାଙ୍ଗୀର ଅଫିସ,୨୦।୬

ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ପକ୍ଷରୁ ବିଭିନ୍ନ ଦାବି ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟକାର୍ଡ ପ୍ରେରଣ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ ମାସିକ ପେନସନ ୯ ହଜାର ଟଙ୍କାକୁ ବୃଦ୍ଧି କରିବା, ଆୟୁଷ୍ମାନ ଭାରତ ଯୋଜନା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ପାଇଁ ଦାବି କରାଯାଇଛି। ସଂଘ ପକ୍ଷରୁ ସଂଘ ଜିଲା ସଭାପତି ବିଶ୍ୱ ପ୍ରକାଶ ମିଶ୍ର ଓ ସାଧାରଣ ସମ୍ପାଦକ ଅମୂଲ୍ୟ ମିଶ୍ରଙ୍କ ନେତୃତ୍ୱରେ ବଲାଙ୍ଗୀର ମୁଖ୍ୟ ଡାକଘର ସମ୍ମୁଖରେ ପ୍ରତିବାଦ କରାଯିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪୦୦ରୁ ଉର୍ଦ୍ଧ୍ୱ ପୋଷ୍ଟକାର୍ଡ ପ୍ରେରଣ କରାଯାଇଥିଲା। ସଂଘ ବିଭିନ୍ନ କର୍ମକର୍ତ୍ତା ଉପସଭାପତି ଅଭୟ କୁମାର ମିଶ୍ର, କୋଷାଧ୍ୟକ୍ଷ କାର୍ତ୍ତିକେଶ୍ୱର ସାହୁ ଏବଂ ସନ୍ତୋଷ ତ୍ରିପାଠୀ, ରାଧେଶ୍ୟାମ ଶତପଥୀ, ସରୋଜ କୁମାର ମିଶ୍ର, ସୁବୋଧ ବାଗ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି ପୋଷ୍ଟକାର୍ଡ ପ୍ରେରଣ କରିବା ସହ ପ୍ରତିବାଦ ଜଣାଇଥିଲେ।

# ସଂସ୍କାରମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଆହ୍ୱାନ

## ଷାଠିଏ ଘର ଡୁମାଳ ସମାଜର ଅଭିନବ କାର୍ଯ୍ୟକ୍ରମ

ଲୋଇସିଂହା,୨୦।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ପଟୁଆପାଲି ପଞ୍ଚାୟତ ଅନ୍ତର୍ଗତ ପାଣ୍ଡରିଡୁଙ୍ଗରି ଗ୍ରାମରେ ଜିଲା ଷାଠିଏ ଘର ଡୁମାଳ ସମାଜର ବୈଠକ ଓ ପିତୃ ଦିବସ ଉପଲକ୍ଷେ ପିତାମାତାଙ୍କ ଚରଣ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିତାମାତ, ଗୁରୁ ଏବଂ ଭଗବାନଙ୍କ ଚରଣ ବନ୍ଦନା କଲେ ସଫଳତା ମିଳିଥାଏ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ସଭାରେ ଶଶୀଭୂଷଣ ମହାକୁର ଅଧ୍ୟକ୍ଷତା କରିଥିଲେ। ଏଥିରେ ଜଗନ୍ନାଥ କରନ, ଦୁର୍ଯ୍ୟୋଧନ ନାୟକ, ବରୁଣ ବଘାର, କବି ପଧାନ ଅତିଥିଭାବେ ଯୋଗଦେଇଥିଲେ। ସମାଜରେ ସଂସ୍କାର ଆଣିବା ଏବଂ ଯୁବପୀଡୀଙ୍କୁ ମାର୍ଗଦର୍ଶନ ଦେବା ଲକ୍ଷ୍ୟରେ ନିୟମିତ ଭାବେ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ପିତାମାତାଙ୍କ ଚରଣ ବନ୍ଦନାର ମହତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହାବ୍ୟତୀତ ବଂଶସୂତ୍ରୀ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ସଭାପୂର୍ବରୁ ଉପସ୍ଥିତ ସମାଜର ବୟୋଜ୍ୟେଷ୍ଠ ବ୍ୟକ୍ତି ତଥା ପିତାମାତଙ୍କ ଚରଣ ବନ୍ଦନା କରି ଆଶୀର୍ବାଦ ନିଆଯାଇଥିଲା। ଜିଲାର ବିଭିନ୍ନ ପ୍ରା'ରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସିଦ୍ଧା' ହୋଇଥିଲା।




ପାଣ୍ଡରିଡୁଙ୍ଗରୀ ସଭାରେ ମଞ୍ଚାସୀନ ବୟୋଜ୍ୟେଷ୍ଠ ବ୍ୟକ୍ତି।

## ବାଇକ୍ ଚୋରି ଅଭିଯୋଗ, ଧରାପଡିଲେ ୨ ନାବାଳକ

ଜୁନାଗଡ,୨୦।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ପୋଲିସ ସୋମବାର ବାଇକ୍ ଚୋରି ଅଭିଯୋଗରେ ୨ଜଣ ନାବାଳକଙ୍କୁ ଧରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୧୬ ତାରିଖ ଜୁନାଗଡ ଥାନା ଅର୍ଜ୍ଜଲା ଗ୍ରାମର ଜ୍ୟୋତି ରଞ୍ଜନ ପାଢିଙ୍କ ଘରୁ ଏକ ବାଇକ୍ ଚୋରି ହୋଇଥିଲା। ଏ ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୭୨/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ୨ ନାବାଳକ ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡିଥିଲା। ଉଭୟଙ୍କୁ ଚୋରି ବାଇକ୍ ସହ ଧରି ଭବାନୀପାଟଣାସ୍ଥିତ ଜୁଭେନାଲ କୋର୍ଟରେ ହାଜର କରାଯାଇଥିବା ଜୁନାଗଡ ଆଇଆଇସି ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି।

# ୮୬ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ନୂଆପଡ଼ା ଅଫିସ,୨୦।୬

ଗ୍ରୀଷ୍ମ ଅବକାଶ ପରେ ରାଜ୍ୟର ସମସ୍ତ ବିଦ୍ୟାଳୟ ଖୋଲି ପାଠପଢା ଆରମ୍ଭ ହୋଇଛି। ବର୍ତ୍ତମାନ ସମୟରେ ୧ମ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟରେପାଠପଢା ସୁରୁଖୁରୁରେ ଚାଲିଛି। ବିଦ୍ୟାଳୟଗୁଡିକ ସ୍ୱାଭାବିକ ହେବା ପରେ ନୂଆପଡା ଓ କୋମନା ବ୍ଲକର ଗୋଷ୍ଠି ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଶିକ୍ଷା ବିଭାଗରେ ସ୍ୱଚ୍ଛତା ଆଣିବା ଓ ସମୟାନୁ ପୂର୍ବକ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ତାଙ୍କ ନିର୍ଦ୍ଦେଶକ୍ରମେ ଉଭୟ ବ୍ଲକରେ ଗ୍ରୀଷ୍ମ ଅବକାଶ ପରେ ଠିକ ସମୟରେ ବିଦ୍ୟାଳୟ ଖୋଲିବା ଦିନ ହିଁ ମନିଟରିଂ ଦଳକୁ ପଠାଇ ଉଭୟ ବ୍ଲକର ସମସ୍ତ ପ୍ରାଥମିକ ବିଦ୍ୟାଳୟଗୁଡିକରେ ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ଉପସ୍ଥାନ ଯାଞ୍ଚ କରାଯାଇଥିଲା। କୋମନା ବ୍ଲକରେ ୩୬ ଜଣ ଓ ନୂଆପଡା ବ୍ଲକରେ ୫୦ ଜଣ ଶିକ୍ଷୟିତ୍ରୀ/ଶିକ୍ଷକ ବିଦ୍ୟାଳୟରେ ଉପସ୍ଥିତ ନ ଥିବା ଜାଣିବାକୁ ପାଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଭୟ ବ୍ଲକର ୮୬ ଜଣ ଶିକ୍ଷକଙ୍କୁ ଓଡିଶା ସରକାରଙ୍କ ଛୁଟି ନିୟମ ୧୯୬୬ର କ୍ରିଟିରିଆ ନୀୟମାବଳି ୧୯୫୯ର ଧାରା ୩ ମୁତାବକ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଜିଲାରେ ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କୁ କାରଣ ଦର୍ଶା। ମୋଟିସ ଜାରିକୁନେଇ ଚର୍ଚ୍ଚା ଜୋରଧରିଛି।

# ମାଛ ମୃତ୍ୟୁକୁ ନେଇ ଚାଷୀ ଚିନ୍ତାରେ

ନୂଆପଡ଼ା ଅଫିସ,୨୦।୬

ନୂଆପଡା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବେଲରଦାନା ଗାଁରେ ମାଛ ମୃତ୍ୟୁକୁ ନେଇ ଚାଷୀ ଚିନ୍ତାରେ ପଡି ଯାଇଛନ୍ତି। ବେଲରଦାନ ଗାଁର ଅଧିକାଂଶ ଲୋକ ନିଜ ଜମିରେ ମୁଡା, ଚହଲା ଖନନ କରି ମାଛ ଚାଷ ଆରମ୍ଭ କରିଛନ୍ତି। ମାଛ ଚାଷ ଦ୍ୱାରା ବେଶ ଦୁଇ ପଇସା ରୋଜଗାର କରି ଗୁଜୁରାଣ ମେଣ୍ଟାଉଛନ୍ତି। ପ୍ରାକ୍ ମୌସୁମୀ ବର୍ଷା ଆସିବା ଦିନଠାରୁ ମାଛ ମରିବାରେ ଲାଗିଛନ୍ତି। ଫଳରେ ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଭାଗ୍ୟବନ୍ତ ଧରୁଆ ୭୦/୫୦ ଫୁଟର ଏକ ଚହଲା ଖନନ କରି ଚଳିତ ବର୍ଷ ୫ କିଲୋଗ୍ରାମ ମାଛ ଛାଡିଥିଲେ। ମାଛ ୪୦୦/୫୦୦ ଗ୍ରାମ ସାଇଜ ଓଜନ ହୋଇ ଆସୁଥିବା ବେଳେ ପ୍ରାକ୍ ମୋସୁମୀ ବର୍ଷା ହେବା ଦିନ ଠାରୁ ମାଛ ମରିବାରେ ଲାଗିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ମାଛ ଚାଷୀମାନଙ୍କୁ ମାଛ ଚାଷ ଓ ଔଷଧ ବ୍ୟବହାର ଉପରେ ତାଲିମ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ରାହୁଲଙ୍କୁ ଇଡିର ଜେରା ପ୍ରତିବାଦରେ ବିଭିନ୍ନ ସ୍ଥାନରେ ବିକ୍ଷୋଭ

କର୍ଲାମୁଣ୍ଡା/ଜୁନାଗଡ/ କୋକସରା, ୨୦।୬(ଡି.ଏନ.ଏ.)




କର୍ଲାମୁଣ୍ଡାରେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ ଶୋଭାଯାତ୍ରା।

ନ୍ୟାଶନାଲ ହେରାଲ୍ଡ ଆର୍ଥିକ ଅନିୟମିତତା ଓ ମନିଲଣ୍ଡରିଂ ମାମଲାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଜେରା କରୁଛି। ଏହାକୁ ନେଇ ରାଜ୍ୟରେ ଚାରିଆଡେ କଂଗ୍ରେସ ଆନ୍ଦୋଳନ ଚଳାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ତଥା ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀଙ୍କ ନେତୃତ୍ୱରେ କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ କର୍ଲାମୁଣ୍ଡା ମଣ୍ଡଳ ସଭାପତି ହିରୋଜ କୁମାର ସାହୁ, ଜୋରାଡବରା ମଣ୍ଡଳ ସଭାପତି ଲଲାଟେନ୍ଦୁ ସାହୁ, ରାଜକିଶୋର ମିଶ୍ର, ଚୈତନ୍ୟ ସାହୁ, ରଥ ରଣା, ହୃଦାନନ୍ଦ ମଲ୍ଲିକ, ଅମ୍ବିଲାଲ ସାହୁ, ରମେଶ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରିଷିଡା ଫାଣ୍ଡି ଅଧିକାରୀ ଖୀରସିନ୍ଧୁ ମାଝି ଓ ତାଙ୍କ ଟିମ ଉପସ୍ଥିତ ଥିଲେ। ଜୁନାଗଡ ସହର ପୋଷ୍ଟ ଅଫିସ ସମ୍ମୁଖରେ ସୋମବାର ସ୍ଥାନୀୟ ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କୁ ଇଡି ଜେରାକୁ ବିରୋଧ କରି ବିକ୍ଷୋଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକ ସଭାପତି ପରମେଶ୍ୱର ମୋଟେଲ, ନଗର ସଭାପତି ଅମିତ ଅଗ୍ରୱାଲ, ବରିଷ୍ଠ କଂଗ୍ରେସ ନେତା ସୁରେଶ ପଣ୍ଡା, ପ୍ରଭାତ ଦାଶ, ସାଧୁ ଭୋଇ, ଭାରତୀ ଖମାରୀ, ସୁନ୍ଦରଲାଲ ନାଏକ ପ୍ରମୁଖ ସାମିଲ ହୋଇଥିଲେ। ରାହୁଲ ଗାନ୍ଧୀଙ୍କୁ ରାଜନୈତିକ ଆକ୍ରୋଶ ମୂଳକ ଭାବେ ଇଡି ଜେରା କରୁଥିବା ନେଇ କଂଗ୍ରେସ ବିରୋଧ କରିଥିଲେ। ସେହିପରି କୋକସରା କଂଗ୍ରେସ କମିଟି ପକ୍ଷରୁ ମୁଖ୍ୟ ପୋଷ୍ଟ ଅଫିସ ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ଘନଶ୍ୟାମ ଜାଲଙ୍କ ନେତୃତ୍ୱରେ ଓବିସି ସେଲ ଜିଲା ସଭାପତି ଲିଙ୍ଗରାଜ ବେହେରା, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବେନୁପାଣି ଦୁର୍ଗା, ଛାତ୍ର କଂଗ୍ରେସ ବ୍ଲକ ସଭାପତି ସୁଜିତ ସରାଫ, ନାରିନେତ୍ରୀ ଫୁଲତୋଳା ଖମାରି ଶୋଭାଯାତ୍ରାରେ ବାହାରି ଡାକଘର ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା କରି ବିକ୍ଷୋଭ ସହ ପ୍ରତିବାଦ ଜଣାଇଥିଲେ।

# କରାଟେ ପଦକ ବିଜୟୀ କ୍ରୀଡ଼ାବିତ୍ଙ୍କୁ ସମ୍ବର୍ଦ୍ଧନା

## ଜାତୀୟସ୍ତରରେ ଭାଗ ନେବେ ୩ ସ୍ୱର୍ଣ୍ଣ ପଦକ ବିଜୟୀ

ଭବାନୀପାଟଣା,୨୦।୬(ସ୍ୱ.ପ୍ର.)

ରାଜ୍ୟସ୍ତରୀୟ କରାଟେ ଚାମ୍ପିୟନଶିପରେ କଳାହାଣ୍ଡିର କ୍ରୀଡ଼ାବିତ୍ମାନେ ୩ଟି ସ୍ୱର୍ଣ୍ଣ ପଦକ ଓ ୩ଟି କାଂସ୍ୟ ପଦକ ହାସଲ କରିଥିଲେ। ସ୍ୱର୍ଣ୍ଣ ପଦକ ବିଜୟୀ କ୍ରୀଡ଼ାବିତମାନେ ଏବେ ଜାତୀୟସ୍ତରୀୟ ଉଷୁ ଚାମ୍ପିୟନଶିପରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କରାଟେ କୋଚ କୃଷ୍ଣଚନ୍ଦ୍ର ସାହୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମିଲ ହୋଇ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ହିମାଚଳ ପ୍ରଦେଶ ହେବାକୁ ଥିବା ଜାତୀୟସ୍ତରୀୟ ଉଷୁ ପ୍ରତିଯୋଗିତାରେ ସେମାନେ ଭାଗ ନେବେ। ଏଥିରେ କଳାହାଣ୍ଡିର ପାର୍ଥ ସାରଥୀ ରାଉତ, ବିଭାନ ବୈଭବ ସାହୁ ଓ ଲୋକେଶ ରଞ୍ଜନ ନିଆଲ ଜାତୀୟସ୍ତରୀୟ ଉଷୁ ଚାମ୍ପିୟନଶିପ ପାଇଁ ମନୋନୀତ ହୋଇଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ସୁବାଷ ନାଏକଙ୍କ ସମେତ ସାମାଜିକ କର୍ମୀ ରାଜୀବ ଲୋଚନ ଶତପଥୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଜାତୀୟସ୍ତରରେ କ୍ରୀଡ଼ିବିତ୍ ଯେଭଳି ଭଲ ପ୍ରଦର୍ଶନ କରିବେ ସେ ନେଇ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କଳାହାଣ୍ଡି କ୍ରୀଡା ଅଧିକାରୀ ନାଏକ ପ୍ରକାଶ କରିଛନ୍ତି।



କରାଟେ ପଦକ ବିଜୟୀ କ୍ରୀଡ଼ାବିତ୍ଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ୧୪୭ଜଣଙ୍କୁ ମିଳିଲା କରୋନା ସହାୟତା

ବଲାଙ୍ଗୀର ଅଫିସ,୨୦।୬

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀର ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧୦ରେ ବାସ କରୁଥିବା ୧୪୭ ଜଣଙ୍କୁ ସୋମବାର କରୋନା ସହାୟତା ପ୍ରଦାନ କରିଛନ୍ତି। କିଛି ମାସ ପୂର୍ବେ ଗେଟ ସରୋବରପଡାରେ ବିଧାୟକ ମିଶ୍ର ସ୍ଥାନୀୟ ଲୋକଙ୍କ ସହିତ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ସେହି ସମୟରେ ଏହି ୱାର୍ଡର ୧୦୦ରୁ ଉର୍ଦ୍ଧ୍ୱ ଗରିବ ଲୋକ ଆସି କରୋନା ମହାମାରୀ ଯୋଗୁଁ ତାଙ୍କର ଜୀବିକା ଉପାର୍ଜନରେ ବ୍ୟାଘାତ ଘଟିଛି। ତେଣୁ ତାଙ୍କୁ କିଛି ସହାୟତା ପ୍ରଦାନ କରାଯାଉ ବୋଲି ଅନୁରୋଧ କରିଥିଲେ। ବିଧାୟକ ମିଶ୍ର ସେ ଅଞ୍ଚଳର ଅନ୍ୟାନ୍ୟ ସମସ୍ୟା ଶୁଣିବା ସହ ନିଜ ବିଧାୟକ ପାଣ୍ଠିରୁ ୧୪୭ ଜଣଙ୍କ ପାଇଁ ଶୁଖିଲା ଖାଦ୍ୟ ହିସାବରେ ୨୫ କେଜି ଚାଉଳ ଏବଂ ୨କେଜି ଡାଲି ପ୍ରଦାନ କରାଯିବା ପ୍ରତିଶ୍ରୁତି ଦେଇଥିଲେ। ସୋମବାର ପୂର୍ବାହ୍ନ ୧୧ଟାରେ ଗେଟ ସରୋବରପଡାଠାରେ ପୌର ନିର୍ବାହୀ ଅଧିକାରୀ ବିପିନ ଦୀପଙ୍କ ଉପସ୍ଥିତିରେ ବିଧାୟକ ମିଶ୍ର ଗରିବ ଲୋକଙ୍କୁ ସହାୟତା ପ୍ରଦାନ କରିଛନ୍ତି। ଏହା ସହ ଗେଟସରୋବର ବନ୍ଧର ଗାଧୁଆ ଘାଟ ସଫା କରିବା ପାଇଁ ମଧ ଅନୁଦାନ ଦିଆସରିଛି ଓ ସେ କାମ ଖୁବ୍ଶୀଘ୍ର ଆରମ୍ଭ ହେବ ବୋଲି କହିଥିଲେ। ଯଦିଓ ଓଡିଶାରେ କରୋନା ମହାମାରୀ ନିୟନ୍ତ୍ରଣରେ ରହିଛି ଜାତୀୟ ସ୍ତରକୁ ଦେଖିଲେ ଦେଶରେ ଏବେ କରୋନା ଉପରମୁହାଁ ହେବାର ଲାଗିଛି। ତେଣୁ ଲୋକେ ସଚେତନ ହୁଅନ୍ତୁ, ସେନିଟାଜର ବ୍ୟବହାର କରନ୍ତୁ। ବାହାରକୁ ବାହାରିଲେ ସାମାଜିକ ଦୂରତ୍ୱ ପାଳନ ସହ ପ୍ରତ୍ୟେକ ମାସ୍କ ପରିଧାନ କରନ୍ତୁ ବୋଲି ବିଧାୟକ ମିଶ୍ର ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଓମ୍ ପ୍ରକାଶ କୁମ୍ଭାର, ସତ୍ୟନାରାୟଣ କୁମ୍ଭାର, ଅନ୍ତ ମଛଖଣ୍ଡ, ସୀତାରାମ କୁମ୍ଭାର, ଦିଲୀପ କୁମ୍ଭାର, ଦୀପକ ନାଗ, ମଣୀନ୍ଦ୍ର କୁମ୍ଭାର, ଦୁଃଖି କୁମ୍ଭାର, ମୁନା କୁମ୍ଭାର, ଦେବାଶିଷ ନାଏକ, ଜୁଲୁ ପଟ୍ଟନାୟକ, ବୁଲୁ ଦାନୀ, କୈଳାସ ମିଶ୍ରଙ୍କ ସମେତ ପୌର କର୍ମଚାରୀ ଉପସ୍ଥିତ ଥିଲେ।



ବିଧାୟକ ନରସିଂହ ମିଶ୍ର ଓ ପୌର ନିର୍ବାହୀ କର୍ମଚାରୀ ବିପିନ ବିହାରୀ ଦୀପଙ୍କ ଉପସ୍ଥିତିରେ ଗରିବ ଲୋକଙ୍କୁ କରୋନା ସହାୟତା ବଣ୍ଟନ କରୁଛନ୍ତି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ୫ ଗାଈ ମୃତ

**ଅତାବିରା:** ବରଗଡ଼ ଜିଲା ଭେଡ଼େନରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସୋମବାର ୫ଗାଈଙ୍କ ମୃତ୍ୟୁ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଭେଡ଼େନ ତଳିପଡ଼ାର ଅନନ୍ତ ସାହୁ, ପ୍ରଦୀପ ସେନାପତି ଏକ ପଡ଼ିଆକୁ ଗାଈ ଚରାଇବାକୁ ନେଇଥିଲେ। ତେବେ ସେଠାରେ ଛିଣ୍ଡି ପଡ଼ିଥିବା ତାର ସଂସ୍ପର୍ଶରେ ୫ଗାଈ ଆସିବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏତଲା ଦେବା ସହିତ ଏହାର ବିଧିବଦ୍ଧ ତଦନ୍ତ ଓ କ୍ଷତିପୂରଣ ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ନିଖିଳ ଓଡ଼ିଶା ଆଶା କର୍ମଚାରୀ ସଂଘର ବିକ୍ଷୋଭ

**ପାଟଣାଗଡ ୨୦।୬ (ଡି.ଏନ.ଏ.):** ପାଟଣାଗଡ ବ୍ଲକ ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ସୋମବାର ବିଭିନ୍ନ ଦାବିନେଇ ନିଖିଳ ଓଡିଶା ଆଶା କର୍ମଚାରୀ ସଂଘ ପାଟଣାଗଡ ଶାଖା ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଜରିଆରେ ୭ ଦଫା ସମ୍ବଳିତ ଦାବିପତ୍ର ଜାତୀୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଭୁବନେଶ୍ୱର, ଜିଲାପାଳ ବଲାଙ୍ଗୀର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଡିପିଏମ ବଲାଙ୍ଗୀରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଆଶାମାନଙ୍କଠାରୁ ମିଳୁଥିବା ପ୍ରୋତ୍ସାହନ ରାଶି ବାବଦ ଟଙ୍କା ଆଦାୟକୁ ବନ୍ଦ କରିବା, ପ୍ରତ୍ୟେକ ମାସ ପ୍ରୋତ୍ସାହନ ରାଶି ମାସର ନିର୍ଦ୍ଦିଷ୍ଟ ତାରିଖରେ ପ୍ରଦାନ, ଆଶାକର୍ମୀଙ୍କୁ ମିଳୁଥିବା ପ୍ରୋତ୍ସାହନ ରାଶିର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ, ଆଦି ଦାବି ଉଲ୍ଲେଖିତ ରହିଛି। ଦାବିଗୁଡିକ ୭ ଦିନ ମଧ୍ୟରେ ସମାଧାନ ନହେଲେ ଆଗାମୀ ଦିନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲାବନ୍ଦ କରି ଆନ୍ଦୋଳନ କରାଯିବ ବୋଲି କୁହାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନିଖିଳ ଓଡିଶା ଆଶା କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ ଜେନା, ସମ୍ପାଦକ ନମିତା ସାହୁ, ଜିଲା ସଭାପତି ବିଭୁଦେଇ ମିଶ୍ର, ଉପଦେଷ୍ଟା ମଣ୍ଡଳୀର ଦିଲୀପ କୁମାର ଭୋଇ ଓ ଦୁର୍ଯ୍ୟୋଧନ ବିଶ୍ୱାଳ, ବ୍ଲକ ସଭାନେତ୍ରୀ ଲଳିତା ବାଗ, ସମ୍ପାଦିକା ଉର୍ବଶୀ ସାହ ପ୍ରମୁଖ ଉପସ୍ଥିତ ଥିଲେ।

### ଖଡ଼ିଆଳ ଫଙ୍କୋଟ ପଡାକୁ ସଂଯୋଗ ରାସ୍ତା ଦୁରବସ୍ଥା: ଡ୍ରେନ ନିର୍ମାଣ ଦାବି

**ଖଡ଼ିଆଳ,୨୦।୬(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ସହର ୱାର୍ଡ ନଂ ୭ ଦେଇ ଫଙ୍କୋଟ ପଡାକୁ ଯାଉଥିବା ରାସ୍ତା ଦୁରବସ୍ଥା ହୋଇଛି। ଗାୟତ୍ରୀ ମନ୍ଦିର ପାଖରେ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ନାର୍ଦ୍ଦମା ପାଣି ଜମି ରହିଛି। ଫଙ୍କୋଟ ପଡା ପଟୁ ଆସୁଥିବା ଡ୍ରେନ ଆସି ଗାୟତ୍ରୀ ମନ୍ଦିର ନିକଟରେ ଜମି ରହିଛି। ଫଳରେ ନର୍ଦ୍ଦମା ଜଳ ପ୍ରବାହିତ ହେଉନାହିଁ। ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ବର୍ଷା ପାଣି ଜମି ଯାତାୟାତରେ ସମସ୍ୟା ଦେଖାଦେଉଛି। ଅପରପକ୍ଷେ ବିରାଟ ବସ୍ତି ରହିଥିବା ବେଳେ ଲିଟିଲ ଷ୍ଟାର ପବ୍ଲିକ ସ୍କୁଲ ରହିଛି। ଛାତ୍ରୀଛାତ୍ରମାନେ ମଧ ଯାତାୟାତ ପାଇଁ ନାହିଁ ନ ଥିବା ସମସ୍ୟା ସମ୍ମୁଖୀନ ହେଉଛନ୍ତି। ଅଭିଭାବକମାନେ ରାସ୍ତା ମରାମତି ସହ ଡ୍ରେନ ନିର୍ମାଣ ପାଇଁ ପଞ୍ଚାୟତ ଅଧିକରୀଙ୍କୁ ଦାବି କରିଛନ୍ତି।

# ଫସଲବୀମା ରାଶି ପ୍ରଦାନ ଦାବି ତେଜିଲା

## ଉପଜିଲାପାଳଙ୍କୁ କୃଷକ ସେନାର ଦାବିପତ୍ର

**ପାଟଣାଗଡ ୨୦।୬ (ଡି.ଏନ.ଏ.)**

ପାଟଣାଗଡ ଅଞ୍ଚଳର ଚାଷୀ ପ୍ରିମିୟମ ଟଙ୍କା ଜମା କରିଥିବା ସତ୍ତ୍ୱେ ୨୦୨୧ ମରୁଡିର ଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ସହାୟତା ରାଶି ମିଳିନାହିଁ। ଏହାର ପ୍ରତିବାଦ କରିଛି ପାଟଣାଗଡ କୃଷକ ସେନା। ସୋମବାର ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଦାବିପତ୍ର ଉପଜିଲାପାଳ ଡ. ବିଜୟାନନ୍ଦ ସେଠୀଙ୍କୁ ପ୍ରଦାନ କରାଯାଇଛି। ୨୦୨୧ ମରୁଡି କ୍ଷତିଗ୍ରସ୍ତ ସମସ୍ତ ବୀମାଭୁକ୍ତ ଚାଷୀଙ୍କୁ ବୀମା ରାଶି ପ୍ରଦାନ, ମରୁଡି କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା, ଠକ କମ୍ପାନୀ ଓ ନକଲି ବୀମା ଚାଷୀଙ୍କୁ ଗିରଫ କରିବା, ବିହନ, ସାର ଓ କୀଟନାଶକ ପୂର୍ବ ନିର୍ଦ୍ଧାରିତ ମୂଲ୍ୟରେ ଯୋଗାଣ, କୃଷିଋଣ ଛାଡ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନର ମାନ୍ୟତା ଆଦି ଦାବି ରହିଛି।

ସ୍ଥାନୀୟ ଗଙ୍ଗାଧର ପାର୍କଠାରେ କୃଷକ ସେନା ସୌରୀ ସାହୁଙ୍କ ନେତୃତ୍ୱରେ ଚାଷୀମାନେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ଉପଜିଲାପାଳଙ୍କ ଅଫିସ ସମ୍ମୁଖକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦାବିଗୁଡିକ ଆଗାମୀ ୧୦ ଦିନ ମଧ୍ୟରେ ପୂରଣ ନ ହେଲେ ନହେଲେ ସମସ୍ତ ସରକାରୀ ଅଫିସରେ ତାଲା ପକାଇ ଅଚଳ କରିବାକୁ କୃଷକ ସେନା ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିରେ ରାଷ୍ଟ୍ରୀୟ କିଷାନ ମହଜୁର ମହାସଂଘ ରାଜ୍ୟ ସଭାପତି ସଚିନ ମହାପାତ୍ର, ଆଞ୍ଚଳିକ ଜୟ କିଷାନ କୃଷକ ଜୁରିଆ ସଭାପତି ଗୋପବନ୍ଧୁ ସାହୁ, ବିପିନ ବରିହା, କୁରେଶର ବରିହା, ମିତ୍ରଭାନୁ ସାହୁ, ରବିଚନ୍ଦ୍ର ସାହୁ, କେତକେଜା ସାହୁ, ମିନକେତନ ସାହୁ, ଶଙ୍କର ସାହୁ, ସରୋଜ ସାହୁ, ସୁଦନ ସାହୁ, ବଳଦେବ ପଣ୍ଡା, ଦୁଆନୁ ପଣ୍ଡାଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



ଉପଜିଲାପାଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୃଷକ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପୌରକେଲା ୟୁପି ସ୍କୁଲ ସୁବର୍ଣ୍ଣ ଜୟନ୍ତୀ

**କର୍ଲାମୁଣ୍ଡା,୨୦।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ପୌରକେଲା ୟୁପି ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ସଭାପତି ଯୁଧିଷ୍ଠିର ଭୋଇ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଭୂପିନ୍ଦର ସିଂ, ସମ୍ମାନିତ ଅତିଥି ଭାବେ କନ୍ଧମାଳ ବିଧାୟକ ମହିଧର ରଣା, କର୍ଲାମୁଣ୍ଡା ବ୍ଲକ ଅଧକ୍ଷ୍ୟା କୁନି ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ତପୀମଣି ଜାନୀ, ଉତ୍କଳ ସିଟି ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ସଭାପତି ପ୍ରଦୀପ କୁମାର ସାହୁ, ସରପଞ୍ଚ ଯଶୋସ୍ୱିନୀ ଧରୁଆ, ସମିତି ସଭ୍ୟ ସୁଧୀର ଭୋଇ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା ଅନୁଷ୍ଠାନ ହିଁ ଶ୍ରେଷ୍ଠ ମାନବ ନିର୍ମାଣ କରେ ବୋଲି ଅତିଥିମାନେ କହିଥିଲେ। ପ୍ରଧାନ ଶିକ୍ଷକ ତଥା ଜୟନ୍ତୀ ପାଳନ କମିଟି ସମ୍ପାଦକ ବରୁଣ କୁମାର ସୁନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହସମ୍ପାଦକ ମଧୁସୂଦନ ବାଗ ସଭା ସଂଯୋଜନା କରିଥିବା ବେଳେ ବିଦ୍ୟାଳୟ ପୁରାତନ କୃତୀ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମଧୁସୂଦନ ଧରୁଆ, ବବୃ ବାହାନ ଭୋଇ, ବସନ୍ତ ଦୋରା, ବୈସୁତ ସୁନା, ପ୍ରଦୀପ କୁମାର ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଜୟନ୍ତୀ ପାଳନ କମିଟି ଓ ଉପକମିଟି ସଭ୍ୟ,ପୁରାତନ ଛାତ୍ରୀଛାତ୍ର ଓ ଗ୍ରାମବାସୀ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ସ୍କୁଲ ବନ୍ଦ ନ କରି ଶିକ୍ଷକ ନିଯୁକ୍ତି କର

## ଜିଲାପାଳଙ୍କୁ ଗ୍ରାମବାସୀଙ୍କ ଫେରାଦ

**ବରଗଡ଼ ଅଫିସ୍,୨୦।୬**

ସ୍କୁଲ ମିଶ୍ରଣ ପ୍ରକ୍ରିୟାରେ ବରଗଡ଼ ଜିଲା ଭେଡ଼େନ ବ୍ଲକ ରେମଣ୍ଡା ପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗୁରିପାଲି ଗ୍ରାମ ପ୍ରାଥମିକ ସ୍କୁଲକୁ ବନ୍ଦ କରି ଦିଆଯାଇଛି। ଏହି ସ୍କୁଲକୁ ଅତାବିରା ବ୍ଲକ ଗରିଆଟିକ୍ରା ପ୍ରାଥମିକ ସ୍କୁଲରେ ମିଶ୍ରଣ କରାଯାଇଛି। ଏହାକୁ ନେଇ ଗ୍ରାମର ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ସେଭଳି ନିଷ୍ପତ୍ତି ଯୋଗୁ ଡୁଙ୍ଗୁରିପାଲି ଗ୍ରାମର ଅନେକ ଛାତ୍ରୀଛାତ୍ର ପ୍ରାଥମିକ ଶିକ୍ଷାଲାଭରୁ ବଞ୍ଚିତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଡୁଙ୍ଗୁରିପାଲି ପ୍ରାଥମିକ ସ୍କୁଲକୁ ବନ୍ଦ ନ କରି ଉକ୍ତ ସ୍କୁଲରେ ଜଣେ ଶିକ୍ଷକଙ୍କୁ ନିଯୁକ୍ତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଦାବି ନେଇ ସୋମବାର ଗ୍ରାମର ଅନେକ ମହିଳା, ପୁରୁଷ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଡୁଙ୍ଗୁରିପାଲି ପ୍ରାଥମିକ ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ବର୍ତ୍ତମାନ ୨୧ଜଣ ଛାତ୍ରୀଛାତ୍ର ଅଛନ୍ତି। କିନ୍ତୁ ମିଶ୍ରଣ ପ୍ରକ୍ରିୟାରେ ଉକ୍ତ ସ୍କୁଲକୁ ବନ୍ଦ କରି ଗରିଆଟିକ୍ରା ସ୍କୁଲରେ ମିଶ୍ରଣ କରାଯାଇଥିବା ଯୋଗୁ ଛାତ୍ରୀଛାତ୍ର ପ୍ରାଥମିକ ଶିକ୍ଷାଲାଭ କରି ପାରୁନାହାନ୍ତି। ଡୁଙ୍ଗୁରିପାଲିଠାରୁ ଗରିଆଟିକ୍ରାର ଦୂରତା ସାଢ଼େ ୩କି.ମି ହୋଇଥିବାବେଳେ କୋମଳମତି ଛାତ୍ରୀଛାତ୍ରଙ୍କ ପକ୍ଷେ ସେଠାକୁ ପାଠ ପଢ଼ି ଯିବା ନିରାପଦ ନୁହେଁ। ଉକ୍ତ ସ୍କୁଲ ମିଶ୍ରଣ ପ୍ରକ୍ରିୟାକୁ ନେଇ ଗ୍ରାମ୍ୟ ଶିକ୍ଷା କମିଟି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛି ଏବଂ ତାହା ବିଚାରାଧୀନ ରହିଛି। ଫଳରେ ଡୁଙ୍ଗୁରିପାଲି ପ୍ରାଥମିକ ସ୍କୁଲରେ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ପାଠପଢ଼ା ପୂର୍ବଭଳି ଜାରି ରଖିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଡୋଲାଚନ୍ଦ୍ର ଭୁଏ, ପଞ୍ଚାନନ ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ।


ଶିକ୍ଷକ ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀବୃନ୍ଦ।

# ଘୁଙ୍ଗିଯୋର ପୋଲକାମ ତ୍ୱରାନ୍ୱିତ ପାଇଁ ଟୁଇଟ୍

**ଅମରପାଲି,୨୦।୬(ଡି.ଏନ.ଏ)**

ବୀରମହାରାଜପୁର–ଅମରପାଲି ପୂର୍ତ୍ତ ବିଭାଗ ରାସ୍ତାର ଭୁଡିଆପାଲି–ଲୁଡୁରପଙ୍କ ମଝିରେ ଥିବା ଘୁଙ୍ଗିଯୋର ପୋଲ କାମ ଆରମ୍ଭ ନ ହେଉଣୁ ଠିକାସଂସ୍ଥା ପଳାଇ ଯାଇଛି। ୩କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ପୋଲ କାମ ନେଇଥିବା ବ୍ରିଲିଆଣ୍ଟ ଇନଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ ଏବେ କ୍ୟାମ୍ପ ଉଠାଇ ନେଇଛି। ତିନୋଟି ପିଲର ହୋଇ ଥିବା ବେଳେ ୨ଟି ପିଲରର ଗାତ ଖୋଳା ହୋଇଛି। ଯୋର ଶଯ୍ୟାରେ ମାଟି ପଡିଥିବାରୁ ସାମାନ୍ୟ ବର୍ଷା ହେଲେ ବନ୍ୟା ପରିସ୍ଥିତି ହେବା ସମ୍ଭାବନା ରହିଛି। ଏନେଇ ରବିବାର ଧରିତ୍ରୀରେ 'ଘୁଙ୍ଗିଯୋର ପୋଲ କାମ ଛାଡି ଠିକା ସଂସ୍ଥା ପଳାଇଲା' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ହେବା ପରେ ପଦମପୁର ଅଞ୍ଚଳର ଦୀପା ବାରିକ ପୋଲ କାମ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ କରି ଅନୁରୋଧ କରିଛନ୍ତି। ଏଥିସହିତ ୫ଟି ମୋ ସରକାର, ପିଡବ୍ଲ୍ୟୁଡି ବିଭାଗ, ସୁବର୍ଣ୍ଣପୁର ଜିଲାପାଳଙ୍କୁ ସେ ଟୁଇଟ କରିଛନ୍ତି। ବୀରମହାରାଜପୁର ଲୁଡୁରପଙ୍କର ଦେବରାଜ ମହାକୁର ମଧ ଜିଲାପାଳ, ମୁଖ୍ୟମନ୍ତ୍ରୀ, ପୂର୍ତ୍ତ ବିଭାଗକୁ ଟୁଇଟ୍ କରି ଉକ୍ତ ପୋଲ କାମ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରିଛନ୍ତି।

# ସରପଞ୍ଚଙ୍କ ସହ ଜିଲାପାଳଙ୍କ ବୈଠକ

**ଅମରପାଲି,୨୦।୬(ଡି.ଏନ.ଏ.)**

- ଶିଶୁ ସୁରକ୍ଷା,ବାଲ୍ୟ ବିବାହ ନିରାକରଣ ପ୍ରସଙ୍ଗ
- ଆହ୍ୱାନ ସୃଷ୍ଟି କରିଛି କିଶୋରୀ ମାତୃତ୍ୱ

ବୀରମହାରାଜପୁର ବ୍ଲକ ପ୍ରଶାସନ ଓ ସୁବର୍ଣ୍ଣପୁର ଜିଲା ପ୍ରଶାସନର ମିଳିତ ସହଯୋଗରେ ବୀରମହାରାଜପୁର ବ୍ଲକ ସଭା ଗୃହଠାରେ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ନିରାକରଣ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ସମସ୍ତ ୧୫ ପଞ୍ଚାୟତର ସରପଞ୍ଚଙ୍କ ସହ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକ ଉକ୍ତ ବୈଠକରେ ଯୋଗଦେଇଥିଲେ। ଜିଲାପାଳ ଅବୋଲି ସୁନୀଲ ନରୱଣେ ବୈଠକରେ ଅଧକ୍ଷତା କରିଥିଲେ। ଜିଲା ତଥା ବ୍ଲକସ୍ତରରେ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ସମ୍ପର୍କରେ ଉପସ୍ଥିତ ସରପଞ୍ଚଙ୍କ ସହ ସେ ଆଲୋଚନା କରିଥିଲେ। ଜିଲାରେ ବାଲ୍ୟ ବିବାହ ଓ କିଶୋରୀ ମାତୃତ୍ୱକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସ୍ଥାନୀୟ ଜନପ୍ରତିନିଧି,ସରପଞ୍ଚମାନଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ। ଏହାସହିତ ଅଧାରୁ ପାଠ ଛାଡିଥିବା କିଶୋରୀ କିଶୋରଙ୍କୁ କିପରି ପୁନର୍ବାର ବିଦ୍ୟାଳୟକୁ ଫେରାଇ ଅଣାଯିବ ତା ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲ୍ୟ ବିବାହ ତଥା କିଶୋରୀ ମାତୃତ୍ୱକୁ ଗୁରୁତ୍ୱାରୋପ ପୂର୍ବକ ସରପଞ୍ଚମାନେ ପ୍ରତିମାସ ନିଜ ପଞ୍ଚାୟତରେ କୌଣସି ବାଲ୍ୟ ବିବାହ ହେଉନାହିଁ ବୋଲି ପ୍ରମାଣପତ୍ର ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏସ୍‌ପି ଅମରେଶ ପଣ୍ଡା ତାଙ୍କ ବକ୍ତବ୍ୟରେ ବାଲ୍ୟ ବିବାହର ଆଇନଗତ ଦିଗ ଓ ଶିଶୁ ଯୌନ ନିର୍ଯାତନା ଅଧୀନରେ ଆସୁଥିବା ଦଣ୍ଡ ବିଧାନ ଉପରେ ଆଲୋକପାତ କରିଥିଲେ। ସରପଞ୍ଚମାନଙ୍କ ସହଯୋଗରେ ପ୍ରଶାସନ ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇପାରିବ ବୋଲି କହିଥିଲେ। ବୈଠକରେ ପିଡି ଡିଆରଡିଏ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ, ବ୍ଲକ ଅଧକ୍ଷା ଶାନ୍ତି ଲୁହା, ବିଡିଓ ମୋତିଲାଲ ସୁଲିଆ, ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ମଧୁସୁଦନ ପ୍ରଧାନ, ଜିଲା ସମାଜ କଲ୍ୟାଣ ଅଧିକାରୀ ଗୌରମଣୀ ହାଁସଦା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଅଂଶ ଗ୍ରହଣ କରିଥିଲେ।

# ଥୁଆଙ୍ଗପଦର ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

## ଜଙ୍ଗଲ ଜମି ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟଣା

- ସିନ୍ଧିଭଟା ଗ୍ରାମବାସୀଙ୍କ ଥାନାରେ ଅଭିଯୋଗ
- ଉଭୟ ଗାଁର ୪୦ରୁ ଊର୍ଦ୍ଧ୍ୱ ଆହତ

**ଲାଞ୍ଜିଗଡ,୨୦।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ବିଜେପୁର ପଞ୍ଚାୟତ ସିନ୍ଧିଭଟା ଗାଁ ଓ ଲାଖବାହାଲି ପଞ୍ଚାୟତର ଥୁଆଙ୍ଗପଦର ଗ୍ରାମବାସୀଙ୍କ ମଧ୍ୟରେ ରବିବାର ଜଙ୍ଗଲ ଜମିରେ ଚାଷ କରିବାକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏ ନେଇ ସିନ୍ଧିଭଟା ଗ୍ରାମବାସୀ ବିଜେପୁର ଥାନାରେ ଅଭିଯୋଗ କରିଥିବା ବେଳେ ସୋମବାର ଥୁଆଙ୍ଗପଦର ଗ୍ରାମବାସୀ କଳାହାଣ୍ଡି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଏହି ଦୁଇ ଗାଁ ମଧ୍ୟରେ ଦୀର୍ଘବର୍ଷ ହେଲା ବିବାଦ ଲାଗି ରହିଛି। ଏହି ଦୁଇ ଗାଁର ଲୋକେ ସିନ୍ଧଭଟା ଗାଁ ନିକଟରେ ଥିବା ସଂରକ୍ଷିତ ଜଙ୍ଗଲରେ ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଜମି ଭାଗକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଝଗଡା ଲାଗି ରହୁଥିଲା । ଅନେକ ଥର ପୋଲିସ, ବ୍ଲକ ପ୍ରଶାସନ, ବନବିଭାଗ ଓ ଜନପ୍ରତିନିଧିମାନେ ଯାଇ ବୁଝାଶୁଝା ପରେ ମଧ କୌଣସି ସୁଫଳ ମିଳି ନ ଥିଲା। ଗତ ଦୁଇବର୍ଷ ତଳେ ବିଜେପୁର ଥାନାଧିକାରୀ ଦୁଇ ଗ୍ରାମବାସୀଙ୍କୁ ଡାକି ସଂରକ୍ଷିତ ଜଙ୍ଗଲରେ କୌଣସି ଲୋକ ଚାଷ କରିପାରିବେ ନାହିଁ ବୋଲି ଚୁକ୍ତି ହୋଇଥିଲା। ହେଲେ ରବିବାର ସକାଳୁ ଦୁଇଗ୍ରାମବାସୀ ଜଙ୍ଗଲ ଜମିକୁ ନେଇ ପୁଣି ବିବାଦ ଦେଖାଦେଇଥିଲା। ଏହି ବିବାଦ ଉଗ୍ରରୂପ ଧାରଣ କରି ଗୋଷ୍ଠୀ ସଂଘର୍ଷରେ ପରିଣତ ହୋଇଥିଲା। ଏହି ଗୋଷ୍ଠି ସଂଘର୍ଷରେ ଉଭୟ ଗାଁର ୪୦ରୁ ଊର୍ଦ୍ଧ୍ୱ ଲୋକ ଆହାତ ହୋଇଥିବା ବେଳେ ଅନେକ ଲୋକ ଲାଞ୍ଜିଗଡ, ବିଶ୍ୱନାଥପୁର, ବେନଗାଁ, ବଙ୍କାକୁଣ୍ଡୁ ଓ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଥୁଆଙ୍ଗପଦରର ୨୦ରୁ ଊର୍ଦ୍ଧ୍ୱ ଲୋକ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସା ହେଉଛନ୍ତି। କାହାର ହାତ ଭାଙ୍ଗି ଯାଇଛି ତ କାହାର ଗୋଡ, କାହାର ମୁଣ୍ଡରୁ ରକ୍ତସ୍ରାବ ବନ୍ଦ ହେଉନାହିଁ। ସେହିଭଳି ସିନ୍ଧଭଟାର ମଧ ଅନେକ ଆହାତ ଓ ଗୁରୁତର ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ବିଶ୍ୱନାଥପୁର ରେଞ୍ଜର ନୋରଓମ ମାଝିଙ୍କ କହିବାଅନୁସାରେ ସଂରକ୍ଷିତ ଜଙ୍ଗଲରେ କାହାର ଅଧିକାର ନ ଥାଏ। ଏହା ସରକାରଙ୍କ ସମ୍ପତି, ହେଲେ ବର୍ତ୍ତମାନ ମୁଁ ନୂତନ ଭାବେ ଏହି ବ୍ଲକରେ ଯୋଗଦେଇଛି। ଅଞ୍ଚଳକୁ ଯାଇ କ୍ଷେତ୍ର ପରିଦର୍ଶନ ପରେ ସବୁ ତଥ୍ୟ ସାମ୍ନାକୁ ଆସିବ ବୋଲି ପ୍ରକାଶ କରିଥିବା ବେଳେ ଲାଞ୍ଜିଗଡ ତହସିଲଦାର ମୁନିନ୍ଦ୍ର ହୁଁନ୍ନାଗାଁ ଏହି ଦୁଇ ଗାଁର ଗୋଷ୍ଠୀ କନ୍ଦଳ ଦୀର୍ଘ ଦିନରୁ ରହିଛି। ଅନେକ ଥର ବାରଣ ସତ୍ତ୍ୱେ ମଧ ସେହି ଜଙ୍ଗଲରେ ଚାଷ କରୁଛନ୍ତି ଓ ନିଜ ମଧ୍ୟରେ ପାଟିତୁଣ୍ଡ ହେଉଛନ୍ତି ବୋଲି କହିଥିଲେ।


ବିଜେପୁର ପଞ୍ଚାୟତ ସିନ୍ଧିଭଟା ଗ୍ରାମର ଆହତମାନେ।


**OFFICE OF THE DISTRICT PROJECT MANAGEMENT UNIT, PM POSHAN (MDM), MAYURBHANJ**
District Education Office, Murgabadi, Baripada, Mayurbhanj-757002
E-mail id- mdmmayurbhanj22@gmail.com
No.357/MDM/Date:9.6.2022

**TENDER CALL NOTICE: 2022-23**

Sealed tenders from the registered Transporter / Transporting Agent are invited for Transportation of Food Stuff from RRC-cum-DSC, PEG/OSWC/FCI Depots / Food Storage Depot, FCI/OSCSC Ltd. Depots to School points in MDM Programme in the District of Mayurbhanj for the session 2022-23. The tender papers / bid documents containing detailed specification with terms and conditions can be seen at the notice board of DPMU, MDM, Mayurbhanj, DPO, RTE/SSA, Mayurbhanj, RTO, Baripada, Collectorate, Mayurbhanj during the office hours.It can also be available at http://www.mayurbhanj.nic.in only from 10.06.2022 to 23.06.2022 upto 5 PM & the same shall be opened on 24.06.2022 at 10.30 AM at Office Chamber of A.D.M. (Gen) Mayurbhanj.

Sd./- Collector & District Magistrate, Mayurbhanj

**OFFICE OF THE EXECUTIVE ENGINEER RWS&S DIVISION, BARIPADA**
No.O-494: Tel. No.06792-254029,Fax No.06792-259464,
E-Mail: eerwss_bpd@rediffmail.com, eerwss_bpd@ori.nic.in

**Govt. of Odisha e-procurement Notice**
Bid Identification No.05 of 2022-23. Date: 17.06.2022

1. Nature of the work; Execution of clubbed up Rural Piped Water Supply New Projects under different Blocks in Mayurbhanj district, in Percentage rate. (06 packages).
2. Estimated Cost: **466.15 lakh to 342.07 Lakhs.**
3. Period of Completion: **-11 months.**
4. Date and time of availability of bid document in portal: **From 11 hour of 29.06.2022 to 13.07.2022 up to 17 hours.**
5. Last Date / Time for receipt of bids in the portal : Both Technical & Financial Bid for each Package **Up to 17 hours of 13.07.2022.**
6. Name and address of the O.I.T.: **Executive Engineer, RWS&S Division, Baripada.**
7. Date & Time for Opening of Tender : **14.07.2022 at 11.00 A.M.**
8. Corrigendum and addendum if any shall only be published in the above website http://www.tenderodisha.gov.in

Further details can be seen from the e-procurement Portal: **"https://tendersodisha.gov.in"**.

Sd./- Executive Engineer, RWS&S Division, Baripada
OIPR- 25014/11/0007/2223

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, BHANJANAGAR**
No.1987/RWDBNJ/Dated 18.06.2022
2nd CORRIGENDUM TO TENDER CALL NOTICE
IDENTIFICATION NO.02/RWDBNJ/2022-2023 T.O.LETTER NO. 1652 DATED 17.05.2022
**No.O-498:** The following modifications to the Online Tender/02/SERWBNJ/2022-2023 are made under unavoidable circumstances.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | | 6 |
| | | As per 1st Corrigendum | | | | |
| Executive Engineer, Rural Works Division, Bhanjanagar | Online Tender/ 02/RWDBNJ/ 2022-2023 | 03.06.2022 10.00 AM | 20.06.2022 to 3.00 PM | 19.6.2022 upto 3.00 PM | 23.06.2022 at 12.00 Noon | 26.06.2022 at 12.00 Noon |
| | | As per 2nd Corrigendum | | | | |
| | | 24.06.2022 10.00 AM | 05.07.2022 to 3.00 PM | 04.07.2022 upto 3.00 PM | 06.07.2022 at 12.00 Noon | 08.07.2022 at 12.00 Noon |

All other terms and conditions of the said tender call notice shall remain unchanged.

Sd./- Executive Engineer, Rural Works Division, Bhanjanagar
OIPR-25174/11/0010/2223

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, KESHARI NAGAR, UNIT-V, BHUBANESWAR-751001**
E-mail:ceworldbankprojects@gmail.com
1st Corrigendum to RFP Identification No.CE-WBP (O)-04/2022-23
File No-PIM-Misc.-10/2008 (Pt)

**No.B-296:** The tender invited for the work at (Sl.No.01) "Construction of H.L.Bridge over river Brahmani at Talcher Town connecting NH-53 (Talcher) to NH-149 (Khalpal) in the District of Angul under NABARD Assistance", Tender ID No. 2022_EICCL_77422_1 is hereby cancelled.

Sd./- Chief Engineer, World Bank Projects, Odisha
OIPR-34003/11/0015/2223

**GOVERNMENT OF ODISHA**
**"e" Procurement Notice**
**WORKS DEPARTMENT**
E-mail:ceworldbankprojects@gmail.com
2nd Corrigendum to Bid Identification No.CE-W.B.P. (O)-03/2022-23

**No.B-295:** The tender invited for the work at (Sl.No.04) Constrution of H.L.Bridge over Power Channel at 6-250 km of Gosala-Mundoghat road in the District of Sambalpur under State Plan for the year 2022-23, Tender ID No.2022_EICCL_77287_4 is hereby cancelled. All other terms and conditions remain unchanged.

Sd./- Chief Engineer, World Bank Projects, Odisha
OIPR-34003/11/0021/2223

**GOVERNMENT OF ODISHA "e"-PROCUREMENT NOTICE**
**WORKS DEPARTMENT**
E-mail:ceworldbankprojects@gmail.com
**Bid Identification No.CE-W.B.P. (O)-09/2022-23**

**No.B-290:** 1.The Chief Engineer (World Bank Project), Odisha on behalf of Governor of Odisha inviting percentage rate bid in double cover system in ONLINE MODE firm eligible contractors for construction of Road & Bridge works as detailed in the table below:

2. Nature of Work : ROB Work
3. No. of Work : 01 No.
4. Tender Cost : Rs.10,000.00
5. Class of Contractor : Super Class Contractor
6. Available of bid document in the website: From 10.00 AM of 20.06.2022 to 5.00 PM of 12.07.2022.
7. Pre-Bid Meeting : Dt.27.06.2022 at 11.30 AM
8. Date of Opening of Bid : Dt.13.07.2022 at 11.30 AM
9. The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd./- Chief Engineer, World Bank Project, Odisha
OIPR-34003/11/0014/2223